بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 17

ସାପ୍ତାହିକ ବଦର କାଦିଆନ

Weekly BADAR Qadian

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ଏପ୍ରିଲ୍ 2022    28 ଶାହାଦତ୍ 1401 ହି.ଶ    26 ରମ୍‌ଜାନ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

كُلُوۡا وَاشۡرَبُوۡا حَتّٰی یَتَبَیَّنَ لَکُمُ
الۡخَیۡطُ الۡاَبۡیَضُ مِنَ
الۡخَیۡطِ الۡاَسۡوَدِ مِنَ الۡفَجۡرِ
ثُمَّ اَتِمُّوا الصِّیَامَ اِلَی الَّیۡلِ

(سورۃ البقرہ:188)

ଅନୁବାଦ- ଏବଂ ତୁମମାନଙ୍କୁ ପ୍ରଭାତର ଧଳାରେଖା କଳାରେଖାଠାରୁ ପୃଥକ୍ ଦେଖାଯିବା ପର୍ଯ୍ୟନ୍ତ ଭୋଜନ କର ଓ ପାନକର; ତା'ପରେ (ପ୍ରଭାତରୁ) ରାତ୍ରି (ର ଆଗମନ) ପର୍ଯ୍ୟନ୍ତ ରୋଜା ସମାପନ କର *(ସୁରଃ ଅଲ ବକରା:୧୮୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ରୋଗୀ ଏବଂ ଯାତ୍ରୀ ରୋଜା ନରଖନ୍ତୁ । ଏଥିରେ ଆଦେଶ ରହିଛି । ଅଲ୍ଲାଃ ତାଲା ଏକଥା କହି ନାହାନ୍ତି ଯେ ଯାହାକୁ ଅକ୍ତିଆର୍ ଅଛି ସେ ରଖୁ ଓ ଯାହାକୁ ଅକ୍ତିଆର୍ ନାହିଁ ସେ ନରଖୁ । ମୋ ମତରେ ମୁସାଫିର୍ (ଅର୍ଥାତ ଯାତ୍ରୀ)କୁ ରୋଜା ରଖିବା ଉଚିତ ନୁହେଁ ।**

### ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

## ରମଜାନ୍ ମାସର ବୈଶିଷ୍ଟ୍ୟ

ରମଜ ସୂର୍ଯ୍ୟର ତାପକୁ କୁହାଯାଏ । ରମଜାନ ମାସରେ ଯେହେତୁ ମଣିଷ ଖାଦ୍ୟ ଓ ପେୟ ତଥା ସମସ୍ତ ଶାରୀରିକ ଭୋଗବିଳାଶକୁ ତ୍ୟାଗ କରିଥାଏ, ଦ୍ୱିତୀୟତଃ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ପାଳନ କରିବା ନିମନ୍ତେ ଏକ ପ୍ରକାରେ ଉଷ୍ମତା ତଥା ଉତ୍ସାହ ଦେଖାଦେଇଥାଏ ,(ତେଣୁ)ଆଧ୍ୟାତ୍ମିକ ଏବଂ ଶାରୀରିକ ତାପ ତଥା ଉଷ୍ମତା (ଦୁଇଟିଯାକ)ର ମିଶ୍ରଣ ହେଉଛି ରମଜାନ୍ । ଅହଲେ ଲୁଗାତ୍ (ଅର୍ଥାତ ଅଭିଧାନ ଜ୍ଞାନରେ ନିପୁଣ ଭାଷାବିତ୍ ମାନେ) କୁହନ୍ତି ଯେହେତୁ ଏହା ଗ୍ରୀଷ୍ମ ଋତୁରେ ଆସିଥିଲା ତେଣୁ ରମଜାନ୍ କୁହାଗଲା । ମୋ ନିକଟରେ ଏହା ଠିକ୍ ନୁହେଁ । କାରଣ ଆରବବାସୀଙ୍କ ପାଇଁ ଏହା ବିଶେଷତଃ ପ୍ରଜୁଯ୍ୟ ହୋଇପାରିବ ନାହିଁ । ଆଧ୍ୟାତ୍ମିକ ତାପ/ଉଷ୍ମତା ର ଅର୍ଥ ହେଉଛି ଆଧ୍ୟାତ୍ମିକ ଉତ୍ସାହ ଓ ଆବେଗ ତଥା ଧାର୍ମିକ ଉଷ୍ମତା । ରମଜ୍ ସେହି ତାପକୁ ମଧ୍ୟ କୁହାଯାଏ ଯାହା ସାହାଯ୍ୟରେ ପଥର ଇତ୍ୟାଦି ଜିନିଷକୁ ଗରମ କରାଯାଏ ।

*(ମଲଫୁଜାତ୍ ଗ୍ରନ୍ଥ ଖଣ୍ଡ-୧ ପୃ-୧୯୪ ମୁଦ୍ରିତ କାଦିଆନ୍ ୨୦୧୮)*

ସଫର୍ (ଅର୍ଥାତ ଯାତ୍ରା କରିବା) ସମୟରେ ରୋଜା

ଆପଣ ଆ ସ ଙ୍କୁ ପଚରାଯାଇଥିଲା ଯେ ଯାତ୍ରା କରିବା ସମୟରେ ରୋଜା ରଖିବାର କଣ ଆଦେଶ ଅଛି ? ଆପଣ ଆ ସ କହିଲେ : ''ପବିତ କୁରଆନ୍ ଆମକୁ ଏ ଶିକ୍ଷା ଦେଇଛି ଯେ **ଫମନ୍ କାନା ମିନକୁମ୍ ମରିଜନ୍ ଅଓ ଅଲା ସଫରିନ୍ ଫଇଦ୍ଦତୁମ୍ ମିନ୍ ଅୟାମିନ୍ ଉଖର୍ (ଅଲବକରାଃ:୧୮୫)** ଅର୍ଥାତ ରୋଗୀ ବା ଯାତ୍ରୀ ରୋଜା ନରଖନ୍ତୁ । ଏଥିରେ ଆଦେଶ ରହିଛି । ଅଲ୍ଲାଃ ତାଲା ଏକଥା କହି ନାହାନ୍ତି ଯେ ଯାହାକୁ ଅକ୍ତିଆର୍ ଅଛି ସେ ରଖୁ ଯାହାକୁ ଅକ୍ତିଆର୍ ନାହିଁ ସେ ନରଖୁ । ମୋ ମତରେ ମୁସାଫିର୍ (ଅର୍ଥାତ ଯାତ୍ରୀ)କୁ ରୋଜା ରଖିବା ଉଚିତ ନୁହେଁ । ଯେହେତୁ ଅଧିକାଂଶ ଲୋକେ ସାଧାରଣତଃ ରୋଜା ରଖିନେଉଛନ୍ତି ,ତେଣୁ ଯଦି କୌଣସି ଲୋକ ଏକଥା ଭାବି ରଖିନିଏ ଯେ ଲୋକେ ତ ଏହିପରି ରଖିଆସୁଛନ୍ତି ,ତାହେଲେ କୌଣସି ଅସୁବିଧା ନାହିଁ । କିନ୍ତୁ ପୁଣି ବି **ଇଦ୍ଦତୁମ୍ ମିନ୍ ଅୟାମିନ୍ ଉଖର୍** ପ୍ରତି ଧ୍ୟାନ ଦେବା ଉଚିତ ।''

ଆମେ କେବଳ ଏତିକି କହିବାକୁ ଚାହୁଁଛୁ ଯେ ଗୋଟିଏ ଅବସରରେ ହଜରତ୍ ଅକଦସ୍ ଆ ସ କହିଥିଲେ ଯେ ଯାତ୍ର କରିବା ସମୟରେ କଷ୍ଟ ଉଠାଇ ଯେଉଁ ବ୍ୟକ୍ତି ରୋଜା ରଖିଥାଏ , ସତେ ଯେପରି ସେ ନିଜ ରୋଜା ଦ୍ୱାରା ଅଲ୍ଲାଃ ତାଲା ଙ୍କୁ ରାଜି(ପ୍ରସନ୍ନ)ରଖିବାକୁ ଚାହିଁଥାଏ । ତାକୁ ଆଦେଶର ଆଜ୍ଞା ପାଳନ ଦ୍ୱାରା ଖୁସି କରାଇବା ଉଚିତ ନୁହେଁ । ଏହା ଭୂଲ ଅଟେ । ଅଲ୍ଲାଃ ତାଲା ଙ୍କ ଅଦେଶ ଓ ନିଷେଧାଜ୍ଞାର ପାଳନ କରିବାରେ ହିଁ ସଚ୍ଚା ଇମାନ ନିହିତ ରହିଛି ।''

*(ମଲଫୁଜାତ୍ ଗ୍ରନ୍ଥ ଖଣ୍ଡ-୧ ପୃ-୨୬୬ ମୁଦ୍ରିତ କାଦିଆନ୍ ୨୦୧୮)*

ଁ

⌘⌘⌘⌘⌘⌘⌘⌘⌘⌘

## ନବୀ ସ:ଆ:ସଙ୍କ ବାଣୀ

### ଫଜର୍ ଅଜାନ୍ ର ନିକଟ ସମୟରେ ସହ୍‌ରୀ ଖାଇବା

*(୧୯୨୦)ହଜରତ୍ ସହଲ୍ ବିନ୍ ସାଆଦ୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ମୁଁ ଆମ ଘରଲୋକଙ୍କ ସହିତ ସହ୍‌ରୀ ଖାଏ । ପୁଣି ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ଫଜର୍ ନମାଜ*
*ପଢିବା ପାଇଁ ଶୀଘ୍ର ଶୀଘ୍ର ଯାଉଥିଲି ।*

### ସହ୍‌ରୀ ଏବଂ ଫଜର୍ ନମାଜ୍ ମଧ୍ୟରେ କେତେ ବ୍ୟବଧାନ ରହିବା ଉଚିତ୍ ?

*(୧୯୨୦)ହଜରତ୍ ଜଏଦ୍ ବିନ୍ ସାବିତ୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ନବି* କରିମ୍ ସ ଆ ସ ଙ୍କ ସହିତ ଆମେ ସହରୀ ଖାଇଲୁଁ । ପୁଣି ନବି କରିମ୍ ସ ଆ ସ ନମାଜ୍ ପଢିବା ପାଇଁ ଛିଡାହେଲେ । (କତାଦାଃ କହୁଥିଲେ)ମୁଁ ପଚାରିଲି ଯେ ଅଜାନ୍ ଏବଂ ସହରୀ ମଧ୍ୟରେ କେତେ ବ୍ୟବଧାନ ଥାଏ ? ଏଥିରେ ସେ କହିଲେ : ପଚାଶ ଆୟତ(ପାଠ କରିବା ପାଇଁ ଯେତିକି ସମୟ ଲାଗିଥାଏ )ସେତିକି ସମୟ ।

### ସହ୍‌ରୀ ଖାଇବା ନିମନ୍ତେ ତାଗିଦ୍

*(୧୯୨୨)ହଜରତ୍ ଅବଦୁଲ୍ଲାଃ (ବିନ୍ ଉମର୍)ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ* ନବି କରିମ୍ ସ ଆ ସ ସହରୀ ନ ଖାଇ ରୋଜା ରଖିଲେ । *ତେଣୁ ଲୋକମାନେ ବି ସହରୀ ନଖାଇ ରୋଜା ରଖିଲେ , ଫଳତଃ ଏହା ସେମାନଙ୍କ ପାଇଁ ବଡ କଷ୍ଟଦାୟକ ହୋଇଗଲା । ଏହା ଦେଖି ନବି କରିମ୍ ସ* ଆ ସ *ଏପରି କରିବାକୁ ବାରଣ କଲେ ଓ କହିଲେ : ମୁଁ ତୁମମାନଙ୍କ ପରି ନୁହେଁ । ମତେ ଅନବରତ ଖାଇବାକୁ ତଥା ପିଇବାକୁ ମଧ୍ୟ ଦିଆଯାଉଅଛି ।*

*(ସହି ବୁଖାରୀ, ଖଣ୍ଡ-୩, କିତାବୁସ୍ ସୌମ୍, ମୁଦ୍ରିତ କାଦିଆନ୍ ୨୦୦୮)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ହଜରତ ଅବୁ ବକର ର:ଅ ବାର୍ତାଳାପ କରିବାକୁ ଆରମ୍ଭ କଲେ ଏବଂ ଆପଣ ର:ଅ ପବିତ୍ର କୁର୍‌ଆନ୍‌ରେ ଅନ୍‌ସାର୍‌ମାନଙ୍କ ସକ୍ରାନ୍ତରେ ଯାହା କିଛି ଅବତୀର୍ଣ୍ଣ ହୋଇଥିଲା ତାହାର କୌଣସି ଅଂଶ ବି ଛାଡ଼ିଲେ ନାହିଁ । ହଜୁର ସ:ଆ:ସ ଅନ୍‌ସାର୍‌ମାନଙ୍କର ଶ୍ରେଷ୍ଠତ୍ୱ ସମ୍ପର୍କରେ ଯାହା କିଛି ବର୍ଣ୍ଣନା କରିଥିଲେ ତାହା ଆପଣ ର:ଅ ସେଠାରେ ଉପସ୍ଥାପନ କରିଥିଲେ । ପୁନଶ୍ଚ ହଜରତ ଅବୁ ବକର ର:ଅ କହିଲେ, ତୁମମାନଙ୍କୁ ଜ୍ଞାତ ଥିବ ଯେ ହଜୁର ସ:ଆ:ସ କହିଥିଲେ ଲୋକମାନେ ଯଦି ଗୋଟିଏ ଉପତ୍ୟାକାରେ ଚାଲନ୍ତି ଏବଂ ଅନ୍‌ଶାର୍‌ମାନେ ଅନ୍ୟ ଉପତ୍ୟାକାରେ ଚାଲନ୍ତି ତେବେ ମୁଁ ଅନ୍‌ସାର୍‌ମାନଙ୍କ ସାଥିରେ ରହିବି ।

ପୁନଶ୍ଚ ହଜରତ ଅବୁ ବକର ର:ଅ ହଜରତ ହଜରତ ସାଦ ର:ଅଙ୍କୁ ସମ୍ବୋଧିତ କରି କହିଲେ; ହେ ସାଦ ! କ'ଣ ତୁମକୁ ଜ୍ଞାତ ଅଛି ଯେ ତୁମେ ବସିଥିବା ଅବସ୍ଥାରେ ହଜୁର ସ:ଆ:ସ କହିଥିଲେ, ଯେ ଖିଲାଫତ୍‌ର ପ୍ରକୃତ ଉତରାଧିକାରୀ କୁରୈଶମାନେ ହିଁ ଅଟନ୍ତି ଏବଂ ଯେଉଁମାନେ ପୂଣ୍ୟ ସ୍ୱଭାବି ଥିବେ ସେମାନେ କୁରୈଶ୍‌ଙ୍କ ଅନୁସରଣ କରିବେ ଏବଂ ପାପୀ ଓ ବିଧର୍ମୀମାନେ ସେମାନଙ୍କ ପଛରେ ଚାଲିବେ ନାହିଁ । ଏଥିରେ ହଜରତ ସାଦ ର:ଅ ଉତର ଦେଲେ, ଆପଣ ସତ କହିଛନ୍ତି । ଆମମାନେ ହେଉଛୁ ମନ୍ତ୍ରୀ ଓ ଆପଣମାନେ ଅମିର ଅଟନ୍ତି । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ.......... ହଦିସ୍ ନଂ-୧୮, ଖଣ୍ଡ-୧, ପୃ-୧୫୮-୧୫୯, ଦାରୁଲ୍ ହଦିସ୍ କାହିରାଃ ୧୯୯୪)*

ହଜରତ ଅବୁ ବକର ର:ଅଙ୍କ ସମ୍ପର୍କୀତ ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଆଲୋଚନା କରିବି । ସମ୍ପ୍ରତି ସଂସାରର ଯେଭଳି ପରିସ୍ଥିତି ରହିଛି ସେ ସଂକ୍ରାନ୍ତରେ ମଧ୍ୟ ମୁଁ କିଛି କହିବାକୁ ଚାହୁଁଛି ଏବଂ ଆପଣମାନଙ୍କୁ ଦୁଆ କରିବାପାଇଁ ଚାହୁଁଛି । ବର୍ତମାନ ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ଅତି ଜଟିଳ । ସମ୍ଭବତଃ ଏହି ପରିସ୍ଥିତି ଆହୁରି ଜଟିଳ ହୋଇପାରେ । ଏହା କେବଳ ଗୋଟିଏ ଦେଶର କଥା ନୁହେଁ ବରଂ ଏହି ୟୁକ୍ରେନ୍ ଓ ଋଷ ପ୍ରସଙ୍ଗରେ ଆହୁରି ଅନେକ ରାଷ୍ଟ୍ରମାନେ ମଧ ସାମିଲ ହୋଇଯିବେ । ଯଦି ଏହିଭଳି ଯୁଦ୍ଧ ପରିସ୍ଥିତି ଅଭ୍ୟାହତ ରୁହେ ତେବେ ଏହାର ପ୍ରଭାବ ଦୀର୍ଘ ସମୟ ପର୍ଯ୍ୟନ୍ତ ବଳବତର ରହିବ ଓ ଅଧିକ ସମସ୍ୟା ଓ ବିପତି ଲୋକମାନଙ୍କୁ ଘେରି ନେବ । ଅଲ୍ଲାଃ ତାଲା କରନ୍ତୁ ଏମାନେ ଅଲ୍ଲାଃ ତାଲାଙ୍କୁ ଚିହ୍ନନ୍ତୁ ଏବଂ ନିଜର ସାଂସାରିକ ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ନିରୀହ ମନୁଷ୍ୟମାନଙ୍କର, ମହିଳା, ଶିଶୁ ଓ ବୃଦ୍ଧ ମାନଙ୍କୁ ନୀହତ କରିବାରୁ ନିବୃତ ରୁହନ୍ତୁ ।

ସେ ଯାହା ହେଉ ନା କାହିଁକି ଆମେମାନେ ତ କେବଳ ଦୁଆ କରିପାରିବା ଏବଂ ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କରିପାରିବା । ଦୀର୍ଘ ବର୍ଷ ଧରି ଆମେମାନେ ଏହି ପ୍ରୟାସ କରି ଚାଲିଆସୁଛୁ ଏବଂ କରୁଥିବୁ ମଧ । ସେ ଯାହା ହେଉ ନା କାହିଁକି ଏହି ଦିନମାନଙ୍କରେ ଅହେମଦୀମାନଙ୍କୁ ବିଶେଷ ରୂପେ ଦୁଆ କରିବାର ଆବଶ୍ୟକତା ରହିଛି । ଯୁଦ୍ଧର ଭୟାବହତା, ବ୍ୟାପକ କ୍ଷୟକ୍ଷତି ଓ ଜଟିଳ ପରିସ୍ଥିତି ଓ ଏହାର କୁପରିଣାମରୁ ମନୁଷ୍ୟ ଜାତିକୁ ଅଲ୍ଲାଃ ତାଲା ରକ୍ଷା କରନ୍ତୁ ।

ନମାଜ ପରେ ମୁଁ ଏକ ଯନାଜାଃ ଗାଏବ୍ ମଧ ପଢ଼ାଇବି । ତାହା ହେଉଛି ଶ୍ରୀମାନ ଖୁଶି ମୁହମ୍ମଦ ଶାକିର ସାହେବ ପୂର୍ବତନ ମୁବଲ୍ଲିଗ୍ ସିଲସିଲା ସେରେଲିଓ୍ୱନ୍ ଓ ଗିନି କନାକରୀଙ୍କର । ବିଗତ ଦିନ ୬୯ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଓ୍ୱସିୟତ କରିଥିଲେ ତାଙ୍କ ବଂଶରେ ଅହେମଦୀୟତ ତାଙ୍କର ଦାଦା ହଜରତ ମୌଲବୀ କରିମ୍ ବକ୍ସ ସାହେବଙ୍କ ମାଧ୍ୟମରେ ପ୍ରବେଶ ହୋଇଥିଲା । ସମ୍ମାନନୀୟ କରିମ୍ ବକ୍ସ ସାହେବ ହଜରତ ମସିହ ମଉଦ ଆ:ସଙ୍କର ସାହାବି ଥିଲେ । ସେ ପ୍ଲେଗର ନିଦର୍ଶନ ଦେଖି ବୟତ କରିଥିଲେ । ଏହିପରି ଭାବରେ ସ୍ୱର୍ଗତ କରିମ୍ ବକ୍ସ ସାହେବଙ୍କର ପତ୍ନୀ ଫଜଲ୍ ବିବି ସାହେବାଙ୍କର ଭାଇ ହାଜି ମୁହମ୍ମଦ ଅବ୍‌ଦୁଲ୍ଲାଃ ସାହେବ୍ ମଧ୍ୟ ହଜରତ ମସିହ ମଉଦ ଆ:ସଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ (ଅର୍ଥାତ ସେ ମଧ ଜଣେ ସାହାବି ଥିଲେ) । ହଜରତ ହାଜି ମୁହମ୍ମଦ ଅବ୍‌ଦୁଲ୍ଲାଃ ସାହେବଙ୍କ ନାମ ତାରିଖେ ଅହେମଦୀୟତର ଅଷ୍ଟମ ଖଣ୍ଡରେ ସାହାବା ହଜରତ ମସିହ ମଉଦ ଆ:ସଙ୍କ ସୂଚିପତ୍ରର ୩୩ ପୃଷ୍ଠାରେ ଦରଜ ରହିଛି *(ଜମିମା ତାରିଖେ ଅହ୍‌ମଦୀୟତ୍ ଖଣ୍ଡ-୮, ପୃ-୧୧)*

ସେ ଯାହା ହେଉନା କାହିଁକି ଖୁଶି ମୁହମ୍ମଦ ଶାକିର ସାହେବ ୧୯୬୯ ମସିହାରେ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ ଏହାପରେ ସେ ନିଜକୁ ଓ୍ୱକଫ୍ କରି ଅର୍ଥାତ ଧର୍ମ ସେବା ପାଇଁ ନିଜକୁ ଉତ୍ସର୍ଗ କରି ଜାମିୟା ଅହେମଦୀୟାରେ ଭର୍ତୀ ହୋଇଥିଲେ । ୧୯୭୭ ମସିହାରେ ଜାମିୟା ଅହେମଦୀୟାରୁ ଶାହୀଦ୍ ଡ଼ିଗ୍ରୀ ପ୍ରାପ୍ତ କରିଥିଲେ । ୧୯୭୮ ମସିହାରେ ସେ ମୁବଲିଗ୍ ଫାଜିଲ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ପୁଣି ଜମାଅତ୍‌ର ସେବାକାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ୧୯୮୭ ମସିହାରେ ଏମ୍.ଏ ଇସ୍‌ଲାମିୟାତ୍ ଡ଼ିଗ୍ରୀ ମଧ ପ୍ରାପ୍ତ କରିନେଇଥିଲେ । ଏହାପରେ ସେ ପାକିସ୍ତାନର ବିଭିନ୍ନ ସହର ଓ ଗିନି କନାକରୀଠାରେ ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ । ଗିନିକନାକରୀଠାରେ ସେ ଫ୍ରେଂଚ ଭାଷାରେ ଡିପ୍ଲୋମା ମଧ ହାସଲ କରିଥିଲେ । ଅଲ୍ଲାଃ ତାଲା ତାଙ୍କୁ ୬ଗୋଟି ପୁତ୍ର ପ୍ରଦାନ କରିଥିଲେ । ସ୍ୱର୍ଗତଙ୍କର ଗୋଟିଏ ପୁତ୍ର ନାସିର୍ ଇସ୍‌ଲାମ୍ ସାହେବ ବର୍ତମାନ ରବଓ୍ୱାରେ ମୁବଲିଗ୍ ସିଲ୍‌ସିଲା ଭାବରେ ନିଯୁକ୍ତ ହୋଇ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି ।

୧୯୭୭ ମସିହାରୁ ୧୯୯୧ ମସିହା ପର୍ଯ୍ୟନ୍ତ ପାକିସ୍ତାନର ବିଭିନ୍ନ ଅଂଚଳରେ ସେ ଧର୍ମ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ୧୯୯୧ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ସିରିୟାଲିଓନ୍ ଓ ଗିନିକନାକରୀରେ ଧର୍ମ ସେବା ସମ୍ପାଦନ କରିବାର ସାମର୍ଥ୍ୟ ଲାଭ କରିଥିଲେ । ସେଠାରୁ ସେ ଫେରି ଆସି ୨୦୦୮ ମସିହାରୁ ଅଞ୍ଜୁମନ୍‌ର ବିଭିନ୍ନ ବିଭାଗରେ ନିଜର ସେବା କାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ସ୍ଥାନିୟ ଏଡ଼ିସ୍‌ନାଲ୍ ନାଜିର୍ ନଶ୍‌ରୋ ଇଶାଅତ୍ ଏବଂ ନଜାରତ୍ ଉମୁରେ ଆମାରେ ମଧ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେ ଆଫ୍ରିକାର ଯେତେବେଳେ ଥିଲେ ସେତେବେଳେ ତାଙ୍କ ମାଧ୍ୟମରେ ଅନେକ ପୂଣ୍ୟ ଆତ୍ମାଙ୍କୁ ଅହେମଦୀୟତ୍‌ରେ ସାମିଲ ହେବାର ସୌଭାଗ୍ୟ ଲାଭ ହୋଇଥିଲା । ତାଙ୍କ ପ୍ରଚେଷ୍ଟା ଫଳରେ ଅନେକ ଲୋକ ଯମାତ୍‌ରେ ଅନ୍ତର୍ଭୁକ୍ତ ହୋଇଥିଲେ । ଅତ୍ୟନ୍ତ ନିଷ୍ପାପର ଓ ପରିଶ୍ରମୀ ମୁବଲିଗ୍ ଥିଲେ, ତବ୍‌ଲିଗ୍ ମଇଦାନ୍‌ରେ ତାଙ୍କର ଅନେକ ବିଶ୍ୱାସବର୍ଦ୍ଧକ ଘଟଣାମାନ ରହିଛି ଯାହା ସମ୍ବନ୍ଧରେ ବିଭିନ୍ନ ଲୋକେ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃ ତାଲା ତାଙ୍କୁ କିପରି ସାହାଯ୍ୟ କରୁଥିଲେ । ୧୯୮୬ ମସିହାରେ କଲ୍‌ମା ତୟବା ପଢ଼ିବା ଦୋଷରେ ତାଙ୍କ ଉପରେ ଏକ ମାମଲା ଦାଏର୍ କରାଯାଇଥିଲା । ଫଳତଃ ସେ ଏହି ଦୋଷରେ ଅଲ୍ଲାଃ ତାଲାଙ୍କ ମାର୍ଗରେ କାରାଦଣ୍ଡ ଭୋଗ କରିଥିଲେ ।

ତାଙ୍କର ପତ୍ନୀ ଉଲ୍ଲେଖ କରିଛନ୍ତି ଯେ ମୋର ସମଗ୍ର ଜୀବନ ଏହି କଥାର ସାକ୍ଷ୍ୟ ଅଟେ ଯେ ସେ ଆଜି ପର୍ଯ୍ୟନ୍ତ ସେ କୌଣସି ନମାଜ ଛାଡ଼ି ନାହାନ୍ତି କି ନମାଜ ତହ୍‌ଜୁଦ୍ ମଧ ଛାଡ଼ି ନାହାନ୍ତି । ଯମାତ୍‌ର ଗସ୍ତରୁ ଫେରିବା ପରେ ସେ କ୍ଲାନ୍ତ ହୋଇପଡୁଥିଲେ । ଏପରି ଥକି ପଡ଼ିବା ସତ୍ତ୍ୱେ ମଧ ସେ ନମାଜ ବାଯମାତ୍ ପଢ଼ିବାକୁ ଚାଲି ଯାଉଥିଲେ । ସେ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ଅଲ୍ଲାଃ ତାଲାଙ୍କର କର୍ତବ୍ୟ ସମ୍ପାଦନ ଓ ଭକ୍ତଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କରିବାରେ ସେ ସର୍ବଦା ତତ୍ପର ରହୁଥିଲେ । ଧର୍ମ ପରାୟଣତାର ସୂକ୍ଷ୍ମ ମାର୍ଗରେ ଚାଲିବା ସଙ୍ଗେ ସଙ୍ଗେ ଖିଲାଫତ୍ ସହିତ ଅସାଧାରଣ ପ୍ରେମ, ଆଜ୍ଞାନୁବର୍ତିତା , ବିନମ୍ରତା ଏବଂ ଯମାତ୍‌ର ପଦାଧିକାରୀ ଓ ମୁବଲିଗ୍‌ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ତାଙ୍କର ବିଶେଷ ଗୁଣ ଥିଲା । ପିଲାମାନଙ୍କ ଉପରେ ଦୟା, ବଦାନ୍ୟତା, ବନ୍ଧୁ ପିରଜନଙ୍କ ପରି ତାଙ୍କ ସହ ଆଚରଣ କରିବା ତଥା ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା ଏବଂ ତାଙ୍କ ସହ ମିଳାମିଶ କରିବା ତାଙ୍କର ବିଶେଷ ଗୁଣ ଥିଲା । ରୋଗରେ ଶେଷାବସ୍ଥାରେ ମଧ ଯେତେବେଳେ ସେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ ସେତେବେଳେ ତାଙ୍କୁ ଆପାତକାଳୀନ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା । ଯେତେବେଳେ ସେ ଡ଼ିସ୍‌ଚାର୍ଜ ହୋଇ ଘରକୁ ଫେରିଲେ ସେତେବେଳେ ସେ ନମାଜ ତହ୍‌ଜୁଦ୍ କଦାପି ଛାଡୁନଥିଲେ । ଡ଼ାକ୍ତରଖାନାରେ ମଧ ଅସୁସ୍ଥ ଥିବା ସତ୍ତ୍ୱେ ଫଜର୍ ନମାଜ ପଢୁଥିଲେ ଏବଂ ସେଥିପାଇଁ ବ୍ୟବସ୍ଥା କରୁଥିଲେ । ଡ଼ାକ୍ତରଖାନାରୁ ଆସି, ଫଜର୍ ନମାଜ ପଢ଼ି ପୁଣି ଦଫ୍‌ତର୍ ଚାଲିଯାଉଥିଲେ । ସେ ଯାହା ହେଉ ନା କାହିଁକି ତାଙ୍କୁ ଯେତେବେଳେ ଅଟକାଇବା ପାଇଁ ଚେଷ୍ଟା କରାଯାଉଥିଲା ସେତେବେଳେ ସେ କହୁଥିଲେ ମୁଁ ଜଣେ ଓ୍ୱକ୍‌ଫେ ଜିନ୍ଦେଗୀ ତେଣୁ ମୋ କାର୍ଯ୍ୟରୁ ମତେ ଅଟକାଇବାକୁ ଚେଷ୍ଟା କରନ୍ତୁ ନାହିଁ ।

ତାଙ୍କର ସୁପୁତ୍ର ନାସିର୍ ଇସ୍ଲାମ୍ ସାହେବ କୁହନ୍ତି: ଆମେମାନେ ଯେବେଠାରୁ ହେତୁ ପାଇଲୁଣି ସେବେଠାରୁ ନିଜର ପିତାଙ୍କୁ ନମାଜ ତହ୍‌ଜୁଦ୍ ଛାଡ଼ିବାର କେବେ ବି ଦେଖିନାହୁଁ । ସେ ସର୍ବଦା ନମାଜ ତହ୍‌ଜୁଦ୍ ପାଠ କରୁଥିଲେ । ଖିଲାଫତ୍ ପ୍ରତି ସର୍ବଦା ତାଙ୍କର ସମ୍ମାନ ମନରେ ଭରି ରହିଥିଲା । ଯମାତ୍‌ର ଯେ କୌଣସି ପଦାଧିକାରୀ ହୁଅନ୍ତୁ, ସେ ସାନ ହେଉ ପଛେ ବୟସରେ ତାଙ୍କ ପ୍ରତି ଆଜ୍ଞାନୁବର୍ତିତା ପ୍ରଦଶର୍ନ କରୁଥିଲେ । ଦୈନିକ ଦାନଦକ୍ଷିଣା ମଧ କରୁଥିଲେ । ନିଜର ପ୍ରତିଦିନର କାର୍ଯ୍ୟ ସେହି ଦିନ ସମ୍ପାଦନ କରି ସମାପ୍ତ କରୁଥିଲେ । ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ । ତବ୍‌ଲିଗ୍ କରିବା ପ୍ରତି ତାଙ୍କର ଗଭୀର ରୁଚି ରହିଥିଲା । ନାସିର୍ ସାହେବ କୁହନ୍ତି ମୋ ପିତାଶ୍ରୀ ଯେତେବେଳେ ଆଫ୍ରିକାରେ ମୃତୟନ ଥିଲେ, ନମାଜ ଫଜର୍ ପରେ ଯେତେବେଳେ ସେ ଘରକୁ ଫେରୁଥିଲେ ଏବଂ ପ୍ରାତଃ ଭ୍ରମଣ ପାଇଁ ବାହାରକୁ ଚାଲିଯାଉଥିଲେ ସେତେବେଳେ ସେ ଆଫ୍ରିକାର କୌଣସି ହୋଟେଲ୍‌ରେ ଖାଦ୍ୟ ଖାଇବା ସମୟରେ ଅବା ପ୍ରତୀକ୍ଷାଳୟରେ ଅପେକ୍ଷା କରିବା ସମୟରେ ପୋଲିସ କିମ୍ବା ମିଲଟାରୀ ଅଫିସ୍‌ର ଯିଏ ହୁଅନ୍ତୁ ନା କାହିଁକି ଯାହାକୁ ବି ସାକ୍ଷାତ କରୁଥିଲେ ତାହାକୁ ତବ୍‌ଲିଗ୍ କରିବା ଆରମ୍ଭ କରିଦେଉଥିଲେ ଏବଂ କୌଣସି ସୁଯୋଗ ହାତ ଛଡ଼ା କରୁନଥିଲେ । ତାଙ୍କୁ ଯେତେବେଳେ କୌଣସି ବ୍ୟକ୍ତି ମିଳିଯାଉଥିଲା ଯେ ପର୍ଯ୍ୟନ୍ତ ସେ ତାଙ୍କୁ ଜମାତ୍‌ର ବାର୍ତା ନ ପହଂଚାଇ ଦେଉଥିଲେ ସେ ପର୍ଯ୍ୟନ୍ତ ତାଙ୍କର ପିଛା ଛାଡୁନଥିଲେ ।

ପୁନଶ୍ଚ ନାସିର୍ ସାହେବ କୁହନ୍ତି: ତାଙ୍କ ବାପା ତାଙ୍କୁ ବତାଇଥିଲେ ଯେ ଆଫ୍ରିକାରେ ପ୍ରଚାର କରିବା ସମୟରେ ସେ ଅନେକ ସମସ୍ୟାର ସମ୍ମୁଖିନ ହୋଇଥିଲେ ତେଣୁ ପିତାଶ୍ରୀ ନମାଜ ତହ୍‌ଜୁଦ୍‌ରେ ସିଜ୍‌ଦାଃରେ ଦୁଆ କଲେ, ସେତେବେଳେ ସଜ୍‌ଦାଃ କରୁଥିବା ସମୟରେ ତାଙ୍କୁ ଏ ଶବ୍ଦ ଶୁଣାଗଲା ଯେ **"ମେରୀ ସିରଶ୍‌ତ୍ ମେଁ ନାକାମି କା ଖମିର୍ ନେହିଁ ହୈ"** (ଅର୍ଥାତ:- ମୋ ସ୍ୱଭାବରେ ବିଫଳତାର କୌଣସି ଅଣୁ ନାହିଁ) ସେ କୁହନ୍ତି ଯେ ଏହାର ପରଦିନ ତବ୍‌ଲିଗ୍ କରିବାରେ ଯେଉଁ ବାଧା ଉପୁଜିବାକୁ ଥିଲା ତାହା ଦୁରିଭୂତ ହୋଇଯାଉଥିଲା । ସେ ଯାହା ହେଉ ନା କାହିଁକି ତାଙ୍କ ସଂକ୍ରାନ୍ତରେ ଅନେକ ଲୋକ ଅନେକ କଥା ଲେଖି ପତ୍ର ପ୍ରେରଣ କରିଛନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ଏହି କଥା ହିଁ ଉଲ୍ଲେଖ କରିଛନ୍ତି ଯେ ସେ ଜଣେ ମେଳାପି ବ୍ୟକ୍ତି ଥିଲେ । ଜଣେ ଆଦର୍ଶ ଓ ବିନିତ ସ୍ୱଭାବର ବ୍ୟକ୍ତି ଥିଲେ । ଖିଲାଫତ୍ ସହିତ ତାଙ୍କର ଦୃଢ଼ ସମ୍ପର୍କ ରହିଥିଲା । ଅଲ୍ଲାଃ ତାଲାଙ୍କ ଉପରେ ଗଭୀର ଆସ୍ଥା ରହିଥିଲା । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ । ତାଙ୍କ ସନ୍ତାନ ସନ୍ତତିଙ୍କୁ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**''ଅଲ୍ଲାଃଙ୍କ ରାଣ ! ଅଲ୍ଲାଃ ତାଲା ତୁମକୁ ଦୁଇଥର ମୃତ୍ୟୁ ପ୍ରଦାନ କରିବେ ନାହିଁ । ତୁମ ମୃତ୍ୟୁ ଯୋଗୁଁ ଏ ପୃଥିବୀକୁ ଯେଉଁ କ୍ଷତି ପହଁଚିଛି ସେମିତି କ୍ଷତି ଅନ୍ୟ କୌଣସି ନବିଙ୍କ ମୃତ୍ୟୁ ଦ୍ୱାରା ପହଁଚି ନଥିଲା । ତୁମର ଅସ୍ତିତ୍ୱ ତୁମ ବିଶେଷଗୁଣଠାରୁ ବି ଉର୍ଦ୍ଧ୍ୱରେ ଓ ତୁମର ଯଶ ଓ ବୈଭବ ଏମିତିକା ଯେ କୌଣସି ମାତମ୍ (ଶୋକ)ତୁମ ବିଚ୍ଛେଦର ଦୁଃଖକୁ ଊଣା କରିପାରିବ ନାହିଁ । ଯଦି ତୁମ ମୃତ୍ୟୁକୁ ରୋକିଦେବାପାଇଁ ଆମର ଶକ୍ତି ଥାଆନ୍ତା ତାହେଲେ ଆମେ ସମସ୍ତେ ନିଜ ନିଜର ଜୀବନ ଦେଇ ବି ତୁମର ମୃତ୍ୟୁକୁ ରୋକିଦେଇଥାନ୍ତୁ । ''  (ଆଁ ହଜରତ୍ ସ ଆ ସ ଙ୍କ ଦେହାନ୍ତରେ ହଜରତ୍ ଅବୁବକର୍ ସିଦ୍ଧିକ୍ (ସତ୍ୟବାଦୀ) ର.ଅଙ୍କ ପବିତ୍ର ପ୍ରତିକ୍ରୀୟା )**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଧିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଲ୍ଲାଃ ଏବଂ ମୁସଲ୍‌ମାନ୍ ମାନେ ଏକଥାକୁ ନାପସନ୍ଦ କରିଥାନ୍ତି ଯେ ଅବୁ ବକର୍ ର ଅ ଙ୍କ ବ୍ୟତୀତ ଆଉ କେହି ନମାଜ୍ ପଢାନ୍ତୁ । (ଅଲ୍ ହଦିସ୍)

ଅଲ୍ଲାଃଙ୍କ ରାଣ ! ଏମିତି ଲାଗୁଥିଲା ଯେମିତି ହଜରତ୍ ଅବୁ ବକର୍ ର ଅ **ସେହି ଆୟତ୍ ପଢିବା ପୂର୍ବରୁ ଲୋକମାନେ ଏକଥା ଜାଣିନଥିଲେ ଯେ ଅଲ୍ଲାଃ** ତାଲା ଏହି ଆୟତକୁ ଅବତୀର୍ଣ୍ଣ ବି କରିଛନ୍ତି ।

''ହଜରତ୍ ଅବୁ ବକର୍ **ସିଦ୍ଧିକ୍ (ସତ୍ୟବାଦୀ) ର.ଅଙ୍କର ଏହି ଉମ୍ମତ୍ (ସମ୍ପ୍ରଦାୟ)ଉପରେ ଏତେ ବଡ ଉପକାର ରହିଛି ଯେ** ତାହାର କୃତଜ୍ଞତା ଜ୍ଞାପନ କରାଯାଇପାରିବ ନାହିଁ । ଯଦି ସେ ସମସ୍ତ ସାହାବା ମାନଙ୍କୁ ଏକତିତ୍ର କରି ଏ ଆୟତକୁ ନ ଶୁଣାଇଥାନ୍ତେ ଯେ ବିଗତ ସମସ୍ତ ଅମ୍ବିୟାମାନଙ୍କର ଦେହାନ୍ତ ହୋଇଯାଇଛି ବୋଲି,ତାହେଲେ ଏ  **ଉମ୍ମତ୍ (ସମ୍ପ୍ରଦାୟ)ଶେଷ ହୋଇଯାଇଥାନ୍ତା ।'' (ହଜରତ୍ ମସିହ୍ ମଉଦ୍ ଆ ସ)**

**ଆମମାନଙ୍କ ମଧ୍ୟରୁ ଅମୀର୍ ହେବେ ଓ ତୁମମାନଙ୍କ ମଧ୍ୟରୁ ମନ୍ତ୍ରୀ । ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ତୁମଠାରୁ ପରାମର୍ଶ ନିଆଯିବ ଏବଂ ତୁମ ବିନା କୌଣସି ଗୁରୁତ୍ୱପୂର୍ଣ୍ଣ ମାମଲା ବିଷୟରେ ଆମେ ନିଷ୍ପତି କରିବୁ ନାହିଁ ।**

## ଦୁନିଆର ସାମ୍ପ୍ରତିକ ପରିସ୍ଥିତିରେ ଅହେମଦୀମାନଙ୍କୁ ପ୍ରାଥନା କରିବାକୁ ଆହ୍ୱାନ୍

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍:୨୫ ଫେବୃୟାରୀ ୨୦୨୨ ଅନୁଯାୟୀ ୨୫ ତବ୍‌ଲିଗ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଅବୁବକର ସିଦ୍ଧିକ୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ହଜରତ ମୁହମ୍ମଦ ସ:ଆ:ସ ହୁଜ୍ଜତୁଲ୍ ୱିଦା (ଅନ୍ତିମ ହଜ୍) ନିମନ୍ତେ ଦଶ ହିଜ୍ରୀ ଗୁରୁବାର ଏବଂ ଜିଲ୍ କାଆଦାଃ ମାସର ଛ' ଦିନ ପୂର୍ବରୁ  ମଦିନାରୁ ମକ୍କା ଅଭିମୁଖେ ପ୍ରସ୍ଥାନ କଲେ  ଆଉ ଏକ ରିୱାୟତ୍ ମୁତାବକ ମହାଭାଗ ସ:ଆ:ସ ଶନିବାର ଦିନ ବାହାରିଥିଲେ । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୩୬୧........ ବେରୁତ ୨୦୦୨)*

ସେ ଯାହା ହେଉ ନା କାହିଁକି ଆଉ ଏକ ରିୱାୟତ୍‌ରେ ଆସିଛି ଯେ:- ହଜରତ ଅସ୍‌ମାଆ ବିନ୍‌ତେ ଅବୁ ବକର୍ ର:ଅ ବର୍ଣ୍ଣନା କରିଛନ୍ତି ଯେ:- ଯେତେବେଳେ ଆଁ ହଜରତ ସ:ଆ:ସ ହୁଜ୍ଜତୁଲ୍ ୱିଦା ନିମନ୍ତେ ମନସ୍ଥ କଲେ, ସେହି ଅବସରରେ ହଜରତ ଅବୁ ବକର ସିଦ୍ଧିକ୍ ର:ଅ କହିଲେ; ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ମୋ ନିକଟରେ ଗୋଟିଏ ଓଟ ଅଛି । କ'ଣ ଆମେ ସେଥିରେ ନିଜ ଯାତ୍ରା ପାଇଁ ସାମଗ୍ରୀ ଲଦି ଦେବୁ ? ଆପଣ ସ:ଆ:ସ କହିଲେ, ହଁ ଏହିପରି କରିନିଅ । ଅତଏବ୍ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜରତ ଅବୁ ବକର୍ ର:ଅ ଦୁଇଜଣଙ୍କ ସାମାନପତ୍ର ନିମନ୍ତେ ସେହି ଗୋଟିଏ ଓଟ ହିଁ ଥିଲା । ଆପଣ ସ:ଆ:ସ ରାସ୍ତାରେ ଖାଇବା ନିମନ୍ତେ କିଛି ଛତୁଆ ଏବଂ କିଛି ଅଟା ପ୍ରସ୍ତୁତ କରାଇ ହଜରତ ଅବୁ ବକର ର:ଅଙ୍କ ଓଟ ଉପରେ ରଖିଦେଲେ । ହଜରତ ଅବୁ ବକର୍ ର:ଅ ସେହି ଓଟ ଟିକୁ ନିଜ ଗୁଲାମ୍ (ଦାସ)ଙ୍କ ଅଧିନରେ  ଦେଇଦେଲେ ।

ହଜରତ ଅସ୍‌ମାଆ ବିନ୍‌ତେ ଅବୁ ବକର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ:- ସୁତରାଂ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହଜ୍ ନିମନ୍ତେ ବାହାରିଲୁ । ଆମେ ଅରଜ୍ ନାମକ ସ୍ଥାନରେ ପହଂଚିବା ପରେ ରସୁଲୁଲ୍ଲାଃ ସ:ଆ:ସ ବାହନରୁ ତଳକୁ ଓହ୍ଲାଇଲେ । ଆମେମାନେ ମଧ୍ୟ ଓହ୍ଲାଇଲୁଁ । ହଜରତ ଆଇଶା ର:ଅ ଗୋଟିଏ ପାର୍ଶ୍ୱରେ ବସିଗଲେ ଓ ମୁଁ ମୋ ବାପାଙ୍କ ପାର୍ଶ୍ୱରେ ବସିପଡ଼ିଲି । ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜରତ ଅବୁ ବକର ର:ଅଙ୍କ ସାମାନ ଗୋଟିଏ ଓଟ ଉପରେ ଏକାଠି ଲଦା ଯାଇଥିଲା । ଯେମିତି କି ଉପରେ ବର୍ଣ୍ଣନା ହୋଇସାରିଛି । ତାହା ଅବୁ ବକର ର:ଅଙ୍କ ଗୁଲାମ୍ ନିକଟରେ ଥିଲା । ଅବୁ ବକର ର:ଅ ତା ଅପେକ୍ଷାରେ ଥିଲେ ଯେ ସେ ଆସିଯାଉ । ସେହି ଗୁଲାମ୍ ଜଣକ ଆସିଲେ କିନ୍ତୁ ଓଟଟି ତା ପାଖରେ ନଥିଲା । ଅବୁ ବକର ର:ଅ ପଚାରିଲେ ଓଟ କାହିଁ? ସେ କହିଲା ଗତ ରାତିରୁ ମୁଁ ଓଟଟିକୁ ହଜାଇ ସାରିଛି । ହଜ୍‌ରତ୍ ଅବୁ ବକର କହିଲେ ଗୋଟିଏ ଓଟ ତୁମ ପାଖରେ ଥିଲା ଓ ତାକୁ ତୁମେ ହଜାଇ ଦେଲ ! ସୁତରାଂ ଆପଣ ର:ଅ ତାହାକୁ ମାରିବାକୁ ଉଠିଲେ କିନ୍ତୁ ହଜୁର ସ:ଆ:ସ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ; ଦେଖ ଏ ଜଣେ ମୁହରିମ୍ (ହଜ୍‌କାରୀ) ହୋଇ କ'ଣ କରିବାକୁ ଯାଉଛି ? ଇବ୍‌ନେ ଅବି ରିଜ୍‌ମାଃ କୁହନ୍ତି:- ରସୁଲୁଲ୍ଲାଃ ସ:ଆ:ସ ଆ ଠାରୁ ଅଧିକା କିଛି କହିଲେ ନାହିଁ । ଅର୍ଥାତ ଏହି ମୁହ୍‌ରିମ୍‌କୁ ଦେଖ କଣ କରିବାକୁ ଯାଉଛନ୍ତି । ସେତେବେଳେ ଆପଣ ସ:ଆ:ସ ହସୁଥିଲେ:- *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୭, ପୃ-୧୨-୧୩... ବେରୁତ ୧୯୯୩) (ସୁନନେ ଅବୁ ଦାଉଦ୍...... ହଦିସ୍-୧୮୧୮)*

ସାହାବାମାନଙ୍କୁ ଯେତେବେଳେ ହଜୁର ସ:ଆ:ସଙ୍କ ଯାତ୍ରା ସାମଗ୍ରୀ ହଜି ଯିବାର ଖବର ମିଳିଲା ସେତେବେଳେ ସେମାନେ ଆପଣଙ୍କ ଖାଦ୍ୟ ସେବନ ନିମନ୍ତେ ଆପଣଙ୍କ ଆହରର ବ୍ୟବସ୍ଥା କରିବାକୁ ଯାଇ ଅଟା, ଖଜୁରୀ ଓ ଘିଅ ଆଦିର ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ ହଲୱା 'ହୈସ' ନାମି ଏକ ହଲ୍‌ୱା ପ୍ରସ୍ତୁତ କରି ଆପଣ ସ:ଆ:ସଙ୍କ ସେବାରେ ଉପସ୍ଥାପନ କଲେ । ହଜୁର ସ:ଆ:ସ ହଜରତ ଅବୁ ବକର ସିଦ୍ଧିକ୍ ର:ଅଙ୍କୁ ତାଙ୍କ କ୍ରୀତଦାସ ଉପରେ ଉତ୍ୟକ୍ତ ହେବାକୁ ବାରଣ କଲେ ଏବଂ କହିଲେ; ହେ ଅବୁବକର ! ନମ୍ରତା ପ୍ରଦର୍ଶନ କର । କାରଣ ସେ ଦୁର୍ବଳ ବ୍ୟକ୍ତିଜଣକ (କ୍ରୀତଦାସଜଣକ) ତ କଦାପି ଏକଥା ଚାହିଁନଥିଲା ଯେ ତାହା ହାତରୁ ଓଟଟି ହଜିଯାଉ କିନ୍ତୁ ଦୁର୍ଭାଗ୍ୟ ବଶତଃ ତାହା ହଜିଗଲା । ପରବର୍ତୀ ସମୟରେ ହଜରତ ସଫୱାନ୍ ବିନ୍ ମୌତଲ୍ ର:ଅ ଯେ କି ସେହି ଦଳର ପଛ ପଛେ ଆସୁଥିଲେ । ଯାହାକୁ ହଜୁର ସ:ଆ:ସ ଉକ୍ତ ଦଳର ପଛେ ପଛେ ଆସିବା ପାଇଁ ମୃତୟନ କରିଥିଲେ । ଯେତେବେଳେ ସେ ଆସି ମୂଖ୍ୟ ଦଳ ସହିତ ଆସି ମିଳିତ ହେଲେ, ସେତେବେଳେ ତାଙ୍କ ସାଥିରେ ସେହି ହଜି ଯାଇଥିବା ଓଟଟି ମଧ୍ୟ ଥିଲା ଅର୍ଥାତ ତାଙ୍କୁ ବାଟରେ ସେହି ଓଟଟି ମିଳିଥିଲା ଏବଂ ସେ ନିଜ ସାଥିରେ ଉକ୍ତ ଓଟଟିକୁ ଘେନି ଆଣିଥିଲେ । ସେ ଯାହା ହେଉ ଏକ ପବିତ୍ର ସୁସ୍ୱାଦ୍ୟ ବ୍ୟଞ୍ଜନ ଥିଲା ଯାହାକି ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କ ପାଇଁ ସାହାବାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଇଥିଲେ ଏବଂ ଏହା ଅଲ୍ଲାଃ ତାଲାଙ୍କ କୃପା ଥିଲା ଯେ ଉକ୍ତ କ୍ରୀତଦାସ ଦ୍ୱାରା ହଜି ଯାଇଥିବା ଓଟ ଯେଉଁଥିରେ କି ଆପଣ ସ:ଆ:ସଙ୍କ ଖାଦ୍ୟ ସାମଗ୍ରୀମାନ ଲଦା ହୋଇଥିଲା ତାହା ପ୍ରତିବଦଳରେ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କ ପାଇଁ ଏହି ବ୍ୟବସ୍ଥା କରିଦେଇଥିଲେ । ପୁନଶ୍ଚ ହଜୁର ସ:ଆ:ସ ଓ ହଜରତ ଅବୁ ବକର ର:ଅ ମଧ୍ୟ ସେହି ଖାଦ୍ୟ ଖାଇଲେ ଏବଂ ସେହି ଲୋକମାନେ ମଧ୍ୟ ଅର୍ଥାତ ସାହାବାଗଣ ମଧ୍ୟ ତାହାକୁ ସେବନ କଲେ ଏପରି କି ସଭିଏଁ ତୃପ୍ତ ହୋଇଗଲେ । ସେଥିଅନ୍ତେ ସଫ୍‌ୱାନ୍ ବିନ୍ ମୌତଲ୍

ଆସି ପହଂଚିଲେ ଯେପରି କି ମୁଁ ବର୍ଣ୍ଣନା କଲି ଯେ ତାଙ୍କ ନିକଟରେ ଉକ୍ତ ହଜି ଯାଇଥିବା ଓଟଟି ରହିଥିଲା ଯାହାଙ୍କୁ ହଜୁର ସ:ଆ:ସ ଏହି ଦାୟିତ୍ୱ ପ୍ରଦାନ କରିଥିଲେ ଯେ ସେ ଯାତ୍ରୀଦଳର ପଛେ ପଛେ ଆସୁଥିଲେ । ଯଦି ଯାତ୍ରୀ ଦଳ ଦ୍ୱାରା କିଛି ଜିନିଷ ପଛରେ ରହି ଯାଉଥିଲା ଅଜ୍ଞାନବଶତଃ ତାହାକୁ ସେ ସାଥିରେ ନେଇ ଆସୁଥିଲେ ଅର୍ଥାତ ଆବଶ୍ୟକୀୟ ସାମଗ୍ରୀ ଯାହାକି ମୁସଲମାନମାନଙ୍କ ଦ୍ୱାରା ପଛରେ ରହିଯାଉଥିଲା ତାହାକୁ ସେ ସାଥିରେ ନେଇ ଆସୁଥିଲେ । ଏପରି ସଫୱାନ୍ ଉକ୍ତ ଓଟଟିକୁ ହଜୁର ସ:ଆ:ସଙ୍କ ଦ୍ୱାର ସମ୍ମୁଖରେ ଆଣି ବାନ୍ଧିଦେଲେ । ସେଥିଅନ୍ତେ ହଜୁର ସ:ଆ:ସ ହଜରତ ଅବୁ ବକର ର:ଅଙ୍କୁ କହିଲେ ତାହା ଉପରେ ନିଜ ସାମଗ୍ରୀମାନକୁ ତନଖି ନିଅ ଯେ ସେଥିରେ କିଛି କମ୍ ତ ହୋଇନାହିଁ । ହଜରତ ଅବୁ ବକର ର:ଅ ଆପଣଙ୍କ ନିର୍ଦ୍ଦେଶ କ୍ରମେ ସାମଗ୍ରୀର ଅନୁଧାନ କରିବା ପରେ କହିଲେ ଗୋଟିଏ ପାତ୍ର ଯେଉଁଥିରେ ଆମେ ଜଳପାନ କରୁଥିଲୁ ତାହା ମତେ ମିଳୁନାହିଁ । ସେହି କ୍ଷଣି କ୍ରୀତଦାସ ଜଣକ କହିଲେ ତାହା ତ ମୋ ନିକଟରେ ଅଛି । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୩୬୫....... ବେରୁତ ୨୦୦୨) (ଫର୍‌ହଙ୍ଗ ସିରତ୍, ପୃ-୧୧୦, ଜୱାର ଏକାଡ଼େମି କରାଚି ୨୦୦୩)*

ହଜରତ ଅବୁ ବକର ର:ଅ ସ୍ୱୟଂ ବର୍ଣ୍ଣନା କରିଛନ୍ତି ଯେ ହୁଜ୍ଜତୁଲ୍ ୱିଦା ଅବସରରେ, ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହଜ୍ କରିବା ପାଇଁ ବାହାରିଲେ ଓ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ସାଥିରେ ତାଙ୍କ ପତ୍ନୀ ଅସ୍‌ମା ବିନତ୍ ଉମୈସ୍ ର:ଅ ମଧ୍ୟ ଥିଲେ । ଯେତେବେଳେ ଏମାନେ ଜୁଲ୍ ହଲିଫାଠାରେ ପହଂଚିଲେ, ତାଙ୍କ ଔରସରୁ ମୁହମ୍ମଦ ବିନ୍ ଅବୁ ବକର ର:ଅଙ୍କର ଜନ୍ମ ଗ୍ରହଣ କଲେ । ସେ ଯାହା ହେଉ ନା କାହିଁକି ହଜରତ ଅବୁ ବକର୍ ର:ଅ ଆସି ଆଁ ହଜରତ ସ:ଆ:ସଙ୍କୁ ଏ ବିଷୟରେ ଅବଗତ କଲେ । ହଜୁର ସ:ଆ:ସ ଏହା ଦେଖି କହିଲେ; ଆସ୍‌ମାଆଙ୍କୁ କହିଦିଅ ଯେ ସେ ସ୍ନାନ କରିନିଅନ୍ତୁ ଏବଂ ହଜ୍‌ର ଏହରାମ୍ (ବସ୍ତ୍ର) ପରିଧାନ କରିନିଅ । ମନେରଖ ସେ ବୈତୁଲ୍ଲାଃର ପରିକ୍ରମା କରିବା ବ୍ୟତୀତ ହଜ୍‌ର ବାକି ସମସ୍ତ ଉପାସନାମାନ ସମ୍ପାଦନ କରିପାରିବେ । *(ସୁନନେ ନସାଇ..... ହଦିସ୍-୨୬୬୪) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୩୩୯..... ବେରୁତ)*

ଯେତେବେଳେ ହଜୁର ସ:ଆ:ସ ଅସଫାନ୍ ଉପତ୍ୟକା ମଧ୍ୟ ଦେଇ ଅତିକ୍ରମ କରୁଥିଲେ ସେତେବେଳେ ଆପଣ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ କହିଲେ ଏହି ସ୍ଥାନରେ ଅର୍ଥାତ ଏହି ସ୍ଥାନ ମଧ୍ୟ ଦେଇ ହଜରତ ହୁଦ୍ ଓ ହଜରତ ସ୍ୱାଲେହ୍ ର:ଅ ଦୁଇଟି ଲାଲ୍ ଓଟରେ ବସି, ଖଜୁରୀ ନିର୍ମିତ ଲଗାମ ଧରି କଳା ଓ ଧଳା ରଙ୍ଗର ଚାଦର ଘୋଡ଼ି, ତଲ୍‌ବିୟା ପାଠ କରି ବଇତୁଲ୍ ଅତିକ୍ (ଅର୍ଥାତ ସର୍ବପୁରାତନ ଉପାସନା ଗୃହ)ର ହଜ୍ ନିମନ୍ତେ ଯାତ୍ରା କରିଥିଲେ । *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୮, ପୃ-୪୬୧....... ବେରୁତ ୧୯୯୩)* (ଅର୍ଥାତ ଆପଣ ଦୁହିଁଙ୍କର ଶାରୀରିକ ଗଠନ ପ୍ରସଙ୍ଗରେ ମଧ୍ୟ ହଜରତ ଅବୁ ବକର ର:ଅଙ୍କୁ ହଜୁର ସ:ଆ:ସ ସୁଚନା ଦେଲେ ଏବଂ କହିଲେ, ସେମାନେ ଏହି ସ୍ଥାନରୁ ତଲବିୟା ଆବୃତି କରି ବୈତୁଲ୍ଲାଃ (ହଜ୍ କରିବାକୁ) ଯାଇଥିଲେ ।)

ହଜ୍ଜତୁଲ୍ ୱିଦା ଅବସରରେ ଯେଉଁମାନେ ନିଜ ସାଥିରେ ବଳି ଦେବାର ଜୀବ ଘେନି ଆଣିଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅବୁ ବକର ସିଦ୍ଦିକ୍ ର:ଅ ମଧ୍ୟ ସାମିଲ ଥିଲେ । ଆପଣ କୁହନ୍ତି ମୁଁ ଦେଖିଲି ସୁହେଲ୍ ବିନ୍ ଉମ୍‌ରୋ ଜେଭ କରିବା ସ୍ଥାନରେ ଛିଡ଼ା ହୋଇଥିଲେ ଏବଂ ହଜୁର ସ:ଆ:ସଙ୍କ ନିକଟକୁ କୁର୍‌ବାନୀ ନିମନ୍ତେ ଅଣାଯାଇଥିବା ପଶୁମାନଙ୍କୁ ଘଉଡ଼ାଇ ଆଣୁଥିଲେ । ସେଥିଅନ୍ତେ ହଜୁର ସ:ଆ:ସ ସ୍ୱହସ୍ତରେ ନିଜ କୁର୍ବାନୀ ପଶୁଟିକୁ କୁର୍‌ବାନୀ (ଜେଭ) କଲେ ତା'ପରେ ବାରିକକୁ ଡ଼କାଇ ନିଜ ଚୁଟି କଟାଇଲେ ଅର୍ଥାତ ଲଣ୍ଡା ହେଲେ । ସେ କୁହନ୍ତି ମୁଁ ସୁହେଲ୍‌ଙ୍କୁ ଦେଖିଲି ଯେ ସେ ହଜୁର ସ:ଆ:ସଙ୍କ ପବିତ୍ର କେଶକୁ ନିଜ ଆଖିରେ ଲଗାଉଥିଲେ । ସେ ଆହୁରି କୁହନ୍ତି ସେତେବେଳେ ମୋର ମନେ ପଡ଼ିଲା ଏହି ସୁହେଲ୍ ହିଁ ସୁଲାଃ ହୁଦୈବିୟାରେ ଆଁ ହଜରତ ସ:ଆ:ସଙ୍କୁ ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍ ରହିମ୍ ଲେଖିବାକୁ ରୋକୁଥିଲା । ଯାହା ଚୁକ୍ତିପତ୍ରରେ ଲେଖାଯିବାକୁ ଥିଲା ।

ପୁଣି ହଜରତ ଅବୁ ବକର୍ ର:ଅ କହୁଛନ୍ତି:- ମୁଁ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କଲି ଯେ ସେ ସୁହେଲ୍‌କୁ ଇସ୍‌ଲାମ୍ ପ୍ରତି ପଥପ୍ରଦର୍ଶନ କଲେ (ଓ ସେ ନିଷ୍ଠା ଓ ବିଶ୍ୱାସରେ ବହୁ ଆଗକୁ ବଢ଼ିଗଲେ ଅର୍ଥାତ ସୁଲାଃ ହୁଦୈବିୟା ପର୍ଯ୍ୟନ୍ତ ସେ ବିଶ୍ୱାସ ଆଣିନଥିଲେ ସେତେବେଳେ ସୁଲାଃ ହୁଦୈବିୟାରେ ଯେଉଁ ଚୁକ୍ତିନାମା ଲେଖା ଯାଉଥିଲା ସେଥିରେ ବିଶ୍‌ମିଲ୍ଲାଃ ଲେଖିବାକୁ ବାରଣ କାରୀ ଏହି ସୁହେଲ୍ ହିଁ ଥିଲେ କିନ୍ତୁ ପରବର୍ତୀ ସମୟରେ ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲେ ଅଲ୍ଲାଃ ତାଲା ତାଙ୍କୁ ଶକ୍ତି ପ୍ରଦାନ କଲେ ସତ୍ ଧର୍ମକୁ ଗ୍ରହଣ କରିବାକୁ ଏବଂ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ମୁସଲମାନ ହେବା ପରେ) ବିଶ୍ୱାସ ଓ ନିଷ୍ଠାରେ ଏଭଳି ଆଗକୁ ବଢ଼ିଲେ ଯେ ବହୁ ଉଚ୍ଚତମ ସ୍ତରରେ ଅଧିଷ୍ଠିତ ହୋଇଯାଇଥିଲେ । *(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୫, ପୃ-୬୪...... ବେରୁତ ୧୯୯୩)*

ହଜରତ ମୁହମ୍ମଦ ସ:ଆ:ସ ନିଜ ଅନ୍ତିମ ବ୍ୟାଧିରେ ପୀଡ଼ିତ ଥିବା ସମୟରେ ଆଦେଶ ଦେଲେ; ଅବୁବକର ର:ଅଙ୍କୁ କୁହ ଯେ ସେ ମୁସଲମାନମାନଙ୍କୁ ନମାଜ ପଢାନ୍ତୁ । ହଜରତ ଆଏଶା ର:ଅ ଏକଥା ଭାବିଲେ ଯେ ସମ୍ଭବତଃ ହଜୁର ସ:ଆ:ସଙ୍କ ସ୍ଥାନରେ ହଜରତ ଅବୁ ବକର ର:ଅ ଯଦି ଛିଡ଼ା ହୁଅନ୍ତି ତା'ହେଲେ ସେ କାନ୍ଦିବା ଯୋଗୁଁ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରି ପାରିବେ ନାହିଁ । ତେଣୁ ହଜରତ ଆଇଶା ର:ଅ ହଜରତ ହଫ୍‌ସା ର:ଅଙ୍କୁ କହିଲେ ଯେ ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ କୁହନ୍ତୁ ସେ ହଜରତ ଉମର ର:ଅଙ୍କୁ ନମାଜ ପଢାଇବାକୁ ଆଦେଶ ଦିଅନ୍ତୁ କାରଣ ଯଦି ହଜରତ ଅବୁ ବକର୍ ର:ଅ ତାଙ୍କ ସ୍ଥାନରେ ଛିଡ଼ା ହୋଇ ନମାଜ ପଢ଼ାଇବେ, କାନ୍ଦିବା ଯୋଗୁଁ ସେ ଲୋକମାନଙ୍କୁ ନମାଜ ପଢ଼ି ଶୁଣାଇ ପାରିବେ ନାହିଁ । ସୁତରାଂ ହଜରତ ହଫ୍‌ସା ର:ଅ ସେହିପରି କଲେ କିନ୍ତୁ ହଜୁର ସ:ଆ:ସ ଏହି କଥାକୁ ନାପସନ୍ଦ କଲେ ଏବଂ କହିଲେ, ଅବୁବକର ର:ଅଙ୍କୁ କହିଦିଅ ଯେ ସେ ମୁସଲମାନମାନଙ୍କୁ ନମାଜ ପଢାନ୍ତୁ । *(ସହି ବୁଖାରୀ, କିତାବୁଲ୍ ଅଜାନ୍....... ହଦିସ୍-୬୭୯)*

ହଜରତ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ:- ସେହି ଦିନରେ ଏକଦା ହଜୁର ସ:ଆ:ସ କିଛି ମାତ୍ରାରେ ସୁସ୍ଥତା ଅନୁଭବ କରିବାରୁ ମସଜିଦ୍‌କୁ ଚାଲି ଆସିଲେ । ସେତେବେଳେ ହଜରତ ଅବୁ ବକର ର:ଅ ନମାଜ ପଢାଉ ଥିଲେ, ହଜୁର ସ:ଆ:ସଙ୍କୁ ଦେଖି ଆପଣ ର:ଅ ପଛକୁ ହଟିଯିବାକୁ ଚେଷ୍ଟା କଲେ । କିନ୍ତୁ ହଜୁର ସ:ଆ:ସ ତାଙ୍କୁ ଏପରି କରିବାକୁ ବାରଣ କଲେ ଏବଂ ତାଙ୍କ ସାଥିରେ ବସି ପଡ଼ିଲେ । ହଜରତ ଅବୁ ବକର ର:ଅ ହଜୁର ସ:ଆ:ସଙ୍କ ସାଥିରେ ନମାଜ ପାଠ କଲେ ଏବଂ ତାଙ୍କ ପଛରେ ମୁସଲମାନମାନେ ହଜରତ ଅବୁବକର ର:ଅଙ୍କ ଇମାମତ୍‌ରେ ନମାଜ ପାଠ କଲେ । *(ସହି ବୁଖାରୀ, କିତାବୁଲ୍ ଅଜାନ୍....... ହଦିସ୍- ୬୮୩)*

ମୃତ୍ୟୁ ପୂର୍ବରୁ ଯେତେବେଳେ ହଜୁର ସ:ଆ:ସ ନିଜ ଅନ୍ତିମ ବ୍ୟାଧିରେ ଆକ୍ରାନ୍ତ ଥିଲେ ଏକଦା ହଜୁର ସ:ଆ:ସଙ୍କ ଅନୁପସ୍ଥିତରେ ହଜରତ ବିଲାଲ୍ ର:ଅ ନମାଜ ପଢ଼ାଇବା ପାଇଁ ହଜରତ ଉମର ର:ଅଙ୍କୁ ନିବେଦନ କଲେ ଯେତେବେଳେ ହଜୁର ସ:ଆ:ସ ନିଜ କୋଠରୀରୁ ହଜରତ ଉମର ର:ଅଙ୍କ ନମାଜ ପଢ଼ାଉଥିବାର ସ୍ୱର ଶୁଣିଲେ ସେତେବେଳେ ଆପଣ ସ:ଆ:ସ କହିଲେ, ଅବୁ ବକର ର:ଅ କାହାନ୍ତି ? ଅଲ୍ଲାଃ ଓ ମୁସଲମାନମାନେ ଏକଥା ପସନ୍ଦ କରନ୍ତି ନାହିଁ ଯେ, ଅବୁ ବକରଙ୍କ ବ୍ୟତିତ ଆଉ କେହି ନମାଜ ପଢ଼ାନ୍ତୁ । ଅତଏବ ହଜରତ ଅବୁ ବକର ର:ଅଙ୍କୁ ଡ଼କାଗଲା ଏବଂ ସେ ମସଜିଦରେ ପହଂଚିବା ବେଳକୁ ହଜରତ ଉମର ର:ଅ ନମାଜ ପଢ଼ାଇ ସାରିଥିଲେ । ଉକ୍ତ ଘଟଣା ପରଠାରୁ ହଜୁର ସ:ଆ:ସଙ୍କ ଦେହାନ୍ତ ପର୍ଯ୍ୟନ୍ତ ହଜରତ ଅବୁ ବକର ସିଦ୍ଦିକ୍ ର:ଅ ହିଁ ଇମାମତ୍‌ର ଦାୟିତ୍ୱ ନିର୍ବାହ କରିଥିଲେ । *(ଉଦ୍ଧୃତ ଅଲ୍‌ଇସ୍‌ତିୟାବ୍ ଫି ମାରେଫତିଲ୍ ଅସ୍‌ହାବ୍, ଖଣ୍ଡ-୩, ପୃ-୯୬,୯୭....... ବେରୁତ ୨୦୦୨)*

ସହି ବୁଖାରୀରେ ଉଲ୍ଲେଖ ରହିଛି, ଯେଉଁ ଦିନ ହଜୁର ସ:ଆ:ସଙ୍କର ନିଧନ ହେଲା । ସେହି ଦିନ ହଜୁର ସ:ଆ:ସ ନିଜ ଗୃହର ପରଦା ଉଠାଇଲେ ଏବଂ ନମାଜୀମାନଙ୍କୁ ଦେଖି ସ୍ମିତ ହାସ୍ୟ ପ୍ରକାଶ କଲେ । ହଜରତ ଅବୁ ବକର ସିଦ୍ଦିକ୍ ର:ଅ ଏହି ଚିନ୍ତା କଲେ, ଯେ ଏଥର ହଜୁର ସ:ଆ:ସ ନମାଜ ପଢାଇବାକୁ ଆସିଯିବେ । ଅତଏବ ଆପଣ ର:ଅ ପଛକୁ ହଟିବାକୁ ଚେଷ୍ଟା କଲେ । କିନ୍ତୁ ହଜୁର ସ:ଆ:ସ ତାଙ୍କୁ ଇଙ୍ଗିତ (ଇଶାରା) କରି ମନା କଲେ । ତା'ପରେ ନିଜ କୋଠରୀର ପରଦା ପକାଇ ଦେଲେ ଏବଂ ସେହି ଦିନ ହିଁ ହଜୁର ସ:ଆ:ସଙ୍କର ନିଧନ ହୋଇଯାଇଥିଲା । *(ସହି ବୁଖାରୀ, କିତାବୁଲ୍ ଅଜାନ୍...... ହଦିସ୍ ୬୮୦)*

ହ ମୁସ୍‌ଲେହ୍ ମଉଦ ର:ଅ ପ୍ରଥମ ବର୍ଣ୍ଣନା ଆଧାରରେ ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ:- ହଜରତ ଆଇଶା ର:ଅ କୁହନ୍ତି: ଯେତେବେଳେ ହଜୁର ସ:ଆ:ସ ମୃତ୍ୟୁସଜ୍ୟାରେ ଥିଲେ ସେତେବେଳେ ଅତ୍ୟନ୍ତ ଦୁର୍ବଳତା ଯୋଗୁଁ ନମାଜ ପଢ଼ାଇବାକୁ ସକ୍ଷମ ନଥିଲେ । ଅତଏବ ଆପଣ ସ:ଆ:ସ ହଜରତ ଅବୁ ବକର ର:ଅଙ୍କୁ ନମାଜ ପଢ଼ାଇବାକୁ ଆଦେଶ ଦେଲେ ଆଉ ଯେତେବେଳେ ସେ ଲୋକମାନଙ୍କୁ ନମାଜ ପଢ଼ାଇବା ଆରମ୍ଭ କଲେ ସେତେବେଳେ ହଜୁର ସ:ଆ:ସ କିଛି ମାତ୍ରାରେ ଆରମ୍ ଅନୁଭବ କଲେ । ତେଣୁ ଆପଣ ସ:ଆ:ସ ଦୁଇଜଣଙ୍କ ସାହାରା ନେଇ ଘରୁ ବାହାରିଲେ ପୁଣି ହଜରତ ଆଇଶା ର:ଅ କୁହନ୍ତି: ସେତେବେଳର ଦୃଶ୍ୟ ମୋ ମାନସପଟରେ ଏବେ ସୁଦ୍ଧା ଉଜ୍ଜୀବିତ ରହିଛି ଯେ ଆପଣ ସ:ଆ:ସଙ୍କୁ ଭୀଷଣ ଯନ୍ତ୍ରଣା ଯୋଗୁଁ ଭୂଇଁରେ ଆପଣ ସ:ଆ:ସଙ୍କ ପାଦ ଘୋଷାରି ହୋଇଯାଉଥିଲା । ଆପଣ ସ:ଆ:ସଙ୍କୁ ଦେଖି ହଜରତ ଅବୁ ବକର ର:ଅ ପଛକୁ ଘୁଂଚିବାକୁ ଚେଷ୍ଟା କଲେ କିନ୍ତୁ ହଜୁର ସ:ଆ:ସ ତାଙ୍କୁ ଏପରି କରିବାକୁ ବାରଣ କଲେ ଏବଂ ତାଙ୍କ ସାଥିରେ ବସି ପଡ଼ିଲେ । ହଜରତ ଅବୁ ବକର ର:ଅ ହଜୁର ସ:ଆ:ସଙ୍କ ସାଥିରେ ଅର୍ଥାତ ସମାନ୍ତର ଭାବରେ ଛିଡ଼ା ହୋଇ ନମାଜ ପାଠ କଲେ ଏବଂ ପଛରେ ଥିବା ବାକି ମୁସଲମାନମାନେ ହଜରତ ଅବୁ ବକର ର:ଅଙ୍କ ଇମାମତ୍‌ରେ ନମାଜ ପାଠ କଲେ । *(ସିରତୁନ୍ ନବି ସ:ଆ:ସ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୫୦୬-୫୦୭)*

ଯେତେବେଳେ ହଜୁର ସ:ଆ:ସଙ୍କର ନିଧନ ହେଲା ସେତେବେଳେ ହଜରତ ଅବୁ ବକର ର:ଅ ମଦିନାର ନିକଟବର୍ତୀ ଏକ ଗ୍ରାମ ସନାଃ ବସ୍ତି ଆଡ଼କୁ ଚାଲି ଯାଇଥିଲେ । ଏହି ଦୁଃଖଦ ଖବର ଶୁଣି ହଜରତ ଉମର ର:ଅ ଛିଡ଼ା ହୋଇ ଗଲେ ଏବଂ କହିଲେ, ଅଲ୍ଲାଃଙ୍କ ରାଣ ! ହଜୁର ସ:ଆ:ସଙ୍କର ଦେହାନ୍ତ ହୋଇନାହିଁ । ହଜରତ ଆଇଶା ର:ଅ କୁହନ୍ତି: ହଜରତ ଉମର ର:ଅ କହୁଥିଲେ ଅଲ୍ଲାଃଙ୍କ ରାଣ ! ମୋ ହୃଦୟରେ ଏକଥା ଉଙ୍କି ମାରିଲା ଯେ, ଅଲ୍ଲାଃ ତାଲା ଆପଣଙ୍କୁ ନିଶ୍ଚିତ ରୂପେ ଉଠାଇବ ଓ ଏଥିଯୋଗୁଁ କେତେକ ଲୋକଙ୍କ ହାତଗୋଡ଼ ଛେଦ କରିନେବ । ଇତି ମଧ୍ୟରେ ହଜରତ ଅବୁ ବକର ସିଦ୍ଦିକ୍ ର:ଅ ସନାଃ ବସ୍ତିରୁ ମଦିନା ଆସି ପହଂଚିଗଲେ ଏବଂ ସେ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରୁ କପଡ଼ା ଉଠାଇଲେ ଓ ଆପଣ ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳକୁ ଚୁମ୍ବନ କଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଜୀବିତ ଥିବା ଅବସ୍ଥାରେ ମଧ୍ୟ ସ୍ୱଚ୍ଛ ଓ ପବିତ୍ର ରଖିଥିଲେ ଏବଂ ଏହି ଇହଧାମରୁ ଚାଲିଯିବା ପରେ ମଧ୍ୟ ଆପଣଙ୍କୁ ସ୍ୱଚ୍ଛ ଓ ପବିତ୍ର ଅବସ୍ଥାରେ ହିଁ ରଖିଛନ୍ତି । ମୁଁ ସେହି ପରମ ସତାଙ୍କ ଶପଥ କରି କହୁଛି ଯାହାଙ୍କ ଅଧିନରେ ମୋର ଜୀବନ ନାଟିକା ରହିଛି ଐଶ୍ୱର୍ଯ୍ୟମୟ ପ୍ରଭୁ କଦାପି ଆପଣଙ୍କୁ ଦୁଇଟି ମୃତ୍ୟୁ ପ୍ରଦାନ କରିବେନାହିଁ ଏ କଥା କହି ହଜରତ ଅବୁ ବକର ର:ଅ ବାହାରକୁ ଚାଲିଆସିଲେ ଏବଂ ହଜରତ ଉମର ର:ଅଙ୍କୁ ସମ୍ବୋଧନ କରି କହିଲେ ହେ ଶପଥକାରୀ ! ଟିକିଏ ରହିଯାଅ ଯେବେ ହଜରତ ଅବୁ ବକର ର:ଅ କହିବା ଆରମ୍ଭ କଲେ, ହଜରତ ଉମର୍

ର:ଅ ବସିପଡ଼ିଲେ । ତା'ପରେ ଆପଣ ପ୍ରଭୁଙ୍କ ପ୍ରଶଂସାଗାନ କଲେ ଏବଂ କହିଲେ **ଅଲା ମନ୍ କାନା ୟାବୁଦୁ ମୁହମ୍ମଦନ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମା ଫଇନ୍ନା ମୁହମ୍ମଦନ କଦ୍ ମାତା, ୱ ମନ୍ କାନା ୟାବୁଦୁଲ୍ଲାହା ଫଇନ୍ନଲ୍ଲାହା ହୈଇୟୁନ୍ ଲା ୟମୁତୁ:-** ଅର୍ଥାତ ଦେଖ ଯିଏ କେହି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ପୁଜା କରୁଥିଲା ଓ ଆପଣ ସ:ଆ:ସଙ୍କର ଉପାସନା କରୁଥିଲା ସେ ଶୁଣି ନେଉ ଯେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ତ ନିଧନ ହୋଇଯାଇଛି କିନ୍ତୁ ଯେ ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲା ତେବେ ତାହାକୁ ସ୍ମରଣ ରଖିବା ଉଚିତ ଯେ ସେହି ପବିତ୍ର ପରାକ୍ରମୀ ଅଲ୍ଲା ହେଉଛନ୍ତି ଜୀବନ୍ତ ଈଶ୍ୱର ଅବିନାଶି ଓ ଚିରଞ୍ଜୀବୀ ତାଙ୍କୁ ମୃତ୍ୟୁ କଦାପି ନିଜ ବଶିଭୁତ କରିପାରିବନାହିଁ ପୁଣି ଏ ଆୟତ ପଢ଼ିଲେ:- **ଇନ୍ନକା ମୟେତୁନ୍ ୱ ଇନ୍ନହୁମ୍ ମୟେତୁନା** (ଅଲ୍‌ଜୁମର:୩୧) ଅର୍ଥାତ ତୁମେ ମଧ୍ୟ ମୃତ୍ୟୁ ବରଣ କରିବ ଓ ସେମାନେ ମଧ୍ୟ ମୃତ୍ୟୁବରଣ କରିବେ । ସେଥିଅନ୍ତେ ଆପଣ ର:ଅ ଏହି ଆୟତ ଆବୃତି କଲେ: ଓମା ମୁହମ୍ମଦୁନ୍ ଇଲ୍ଲା ରସୁଲ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ । ଅଫଇମ୍ ମାତା ଅଓ କୁତିଲନ୍ କଲବ୍‌ତୁମ୍ ଅଲା ଆକାବିକୁମ୍... ୱ ମଇଁ ୟନ୍‌କଲିବ୍ ଅଲା ଅକିବୈହେ ଫଲୟଁ ୟଜୁର୍‌ରଲ୍ଲାହା ଶୈୟା । ୱ ସୟଜ୍‌ଜିଲ୍ଲାହୁଶ୍ ଶାକିରିନା (ଆଲେ ଇମ୍‌ରାନ୍:୧୪୫) ଅର୍ଥାତ ମୁହମ୍ମଦ ସ:ଆ:ସ ଅଲ୍ଲାଃ ତାଲାଙ୍କର କେବଳ ଜଣେ ଅବତାର ଥିଲେ ଏବଂ ତାଙ୍କ ପୂର୍ବରୁ ଯେତେ ରସୁଲ୍‌ମାନ ଅତିକ୍ରାନ୍ତ କରିଛନ୍ତି ସମସ୍ତଙ୍କର ମୃତ୍ୟୁ ଘଟିସାରିଛି । କଣ ଯଦି ହଜୁର ସ:ଆ:ସ ମୃତ୍ୟୁବରଣ କରନ୍ତି ଅବା ତାଙ୍କୁ ହତ୍ୟା କରିଦିଆ ଯାଏ ତେବେ କଣ ତୁମେମାନେ ପଶ୍ଚାତପଦ ହୋଇ ସ୍ୱଧର୍ମକୁ ଛାଡ଼ି ଚାଲିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତପଦ ହୋଇ ଫେରିଯାଏ ସେ ଅଲ୍ଲାଃଙ୍କର କଦାପି କିଛି କ୍ଷତି କରିପାରିବ ନାହିଁ; ଏବଂ ଅଲ୍ଲାଃ କୃତଜ୍ଞମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ । ରାୱି କହିଲେ ଏକଥା ଶୁଣି ଲୋକମାନେ ଏଭଳି ରୋଦନ କଲେ, ଯେ ଚର୍ତୁଃପାର୍ଶ୍ୱରେ ତାଙ୍କର ହେଙ୍କା ଗୁଞ୍ଜରିତ ହୋଇ ଉଠିଲା । *(ସହି ବୁଖାରୀ, କିତାବ୍ ଫଜାଇଲେ ଅସ୍‌ହାବେ ନବି ସ:ଆ:ସ..... ହଦିସ୍-୩୬୬୭-୩୬୬୮)*

ହଜରତ ଇବନେ ଅବ୍‌ବାସ୍ ର:ଅ କୁହନ୍ତି; ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ଏହା ଏପରି ପ୍ରତୀତ ହେଉଥିଲା ଯେମିତି ଲୋକମାନେ ଏହି ଆୟତ ସେହିଦିନ ହିଁ ହଜରତ ଅବୁବକର ର:ଅଙ୍କ ଠାରୁ ହିଁ ଶୁଣିଛନ୍ତି । ତା'ପରେ ଲୋକମାନଙ୍କ ମଧ୍ୟରୁ ମୁଁ ଯାହାଙ୍କୁ ଦେଖୁଥିଲି ସେ ଏହି ଆୟତ ହିଁ ଆବୃତି କରୁଥିଲା । ବର୍ଣ୍ଣନାକାରୀ କୁହନ୍ତି ସଇଦ୍ ବିନ୍ ମୁସେବ୍ ମତେ କହିଲେ, ହଜରତ ଉମର ର:ଅ କୁହନ୍ତି; ଅଲ୍ଲାଃଙ୍କ ରାଣ ! ଯେତେବେଳେ ମୁଁ ହଜରତ ଅବୁ ବକର ର:ଅଙ୍କଠାରୁ ଏହି ଆୟତ ଆବୃତି କରିବାର ଶୁଣିଲି ମୁଁ ଭୀଷଣ ରୂପେ ଭୟଭୀତ ହୋଇଗଲି ଓ ମୋ ପାଦ ଆନ୍ଦୋଳିତ ହୋଇ ପଡ଼ିଲା ଏବଂ ମୁଁ ଭୂମିରେ ପଡ଼ିଗଲି ଏବଂ ମୁଁ ଜାଣିଗଲି ଯେ, ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଛି । *(ସହି ବୁଖାରୀ, କିତାବୁଲ୍ ମଗାଜି...... ହଦିସ୍-୪୪୫୪)*

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରନ୍ତି: ହଜରତ ଅବୁ ବକର ର:ଅ ହଜରତ ଉମର ର:ଅଙ୍କ ନିକଟରୁ ଅତିକ୍ରମ କଲେ ଏପରି ଅବସ୍ଥାରେ କି ହଜରତ ଉମର ର:ଅ କହୁଥିଲେ ଯେ, ହଜୁର ସ:ଆ:ସଙ୍କର ଦେହାନ୍ତ ହୋଇନାହିଁ ଏବଂ ଆପଣ ସ:ଆ:ସ ସେପର୍ଯ୍ୟନ୍ତ ଏହି ଇହଧାମ ଛାଡ଼ି ଯିବେନାହିଁ ଯେପର୍ଯ୍ୟନ୍ତ ପରମେଶ୍ୱର କପଟବିଶ୍ୱାସୀଙ୍କୁ ନିଶେଷ ନ କରିଦେଇଛନ୍ତି । (ସେମାନଙ୍କ ସର୍ବନାଶ କରିଦେଇନାହାନ୍ତି ଅର୍ଥାତ ସେମାନଙ୍କର ମୂଳପ୍ରାଟନ କରିଦେଇନାହାନ୍ତି) ।

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ କୁହନ୍ତି: ସାହାବା ଏକଥା ଶୁଣନ୍ତି ଆନନ୍ଦିତ ହୋଇ ଉଠୁଥିଲେ ଏବଂ ନିଜ ମସ୍ତକ ଉର୍ଦ୍ଧ୍ୱଗାମୀ କରିନେଉଥିଲେ ଏତିକିବେଳେ ହଜରତ ଅବୁ ବକର ର:ଅ କହିଲେ, ହେ ଲୋକମାନେ ମନେରଖ ନିଶ୍ଚିତ ରୂପେ ହଜୁର ସ:ଆ:ସଙ୍କର ବିୟୋଗ ହୋଇଯାଇଛି ଏବଂ ଆପଣ ଉମର ର:ଅଙ୍କୁ ସମ୍ବୋଧିତ କରି କହିଲେ: ହେ ଉମର ! ମନେରଖ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଛି । କଣ ତୁମେ ଦେଖୁନାହଁ ଯେ ଅଲ୍ଲାଃ ତାଲା କହିଛନ୍ତି: ଇନ୍ନକା ମୈଇତୁଉଁ ୱଇନ୍ନହୁମ୍ମ ମୈଇତୁନ୍ (ଜୁମର୍:୩୧) ଅର୍ଥାତ ତୁମେ ମଧ୍ୟ ମୃତ୍ୟୁ ଲଭିବ ଏବଂ ସେମାନେ ମଧ୍ୟ ଏହି ଇହଧାମରୁ ବିଦାୟ ନେଇଯିବେ । ପୁଣି ଅଲ୍ଲାଃ ତାଲା ଏହା ମଧ୍ୟ କହିଛନ୍ତି ଯେ:- **ୱମା ଜାଆଲ୍‌ନା ଲିବଶରିମ୍ ମିନ୍ କବ୍‌ଲିକଲ୍ ଖୁଲ୍‌ଦା (ଅଲ୍‌ଅମ୍ବିୟା:୩୫)** ଅର୍ଥାତ:- ଆମେ କୌଣସି ସୃଷ୍ଟଜକୁ ତୁମ ପୂର୍ବରୁ ଚୀରକାଳ ପର୍ଯ୍ୟନ୍ତ ଅବା ଚୀରକାଳର ଆୟୁଷ ପ୍ରଦାନ କରିନାହୁଁ । ସେଥିଅନ୍ତେ ହଜରତ ଅବୁ ବକର ର:ଅ ମଂଚ ଉପରେ ଚଢ଼ି ଅଭିଭାଷଣ ଦେଲେ । ସେ ଯାହା ହେଉ ଏହି ହଦିସ୍‌ର ବ୍ୟାଖ୍ୟା କରି ଅବୁ ଅବ୍‌ଦୁଲ୍ଲାଃ କୃତବି ବର୍ଣ୍ଣନା କରନ୍ତି: ଏହା ହଜରତ ଅବୁ ବକର ର:ଅଙ୍କ ବୀରତ୍ୱର ସବୁଠାରୁ ବଡ଼ ପ୍ରମାଣ । କାରଣ ବୀରତ୍ୱର ଚିହ୍ନଟି ବଡ଼ ବଡ଼ ବିପତି ଓ ସମସ୍ୟାର ସମ୍ମୁଖୀନ ହେବା ସମୟରେ ଅଟଳ ଓ ଅବିଚଳତା ପ୍ରଦର୍ଶନ କରିବାରେ ହିଁ ପ୍ରକାଶ ହୋଇଥାଏ । ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯିବା ଘଟଣା କୌଣସି ସାଧାରଣ ଘଟଣା ନଥିଲା ମୁସଲମାନମାନଙ୍କ ପାଇଁ । ସେହି ସମୟରେ କେବଳ ହଜରତ ଅବୁ ବକର ର:ଅ ଥିଲେ ଯିଏ ସାହାସ ଓ ବୀରତାର ସହିତ ଏହାର ସମ୍ମୁଖିନ କରିଥିଲେ ତଥା ନିଜ ଜ୍ଞାନର ମଧ୍ୟ ପ୍ରଦର୍ଶନ କରିଥିଲେ । *(ଅଲ୍‌ମୱାହିବୁ ଲିଦ୍‌ଦୁନ୍‌ୟା, ଭାଗ-୪, ପୃ-୫୪୭, ଅଲ୍‌ମକ୍‌ତୁବୁଲ୍ ଇସ୍‌ଲାମୀ ୨୦୦୪)* (ଅର୍ଥାତ ପବିତ୍ର କୁର୍‌ଆନ୍ ମାଧ୍ୟମରେ ପରିସ୍ଥିତି ଅନୁକୂଳ ଆୟତ ଉପସ୍ଥାପନ କରି ତାହାର ଏଭଳି ସୁନ୍ଦର ବ୍ୟାଖ୍ୟା କରିଥିଲେ ଯେ, ଆପଣ ର:ଅଙ୍କ ବିଜ୍ଞତା ଓ ବୁଦ୍ଧିମାନର ସଭିଏଁ ସ୍ୱହୃଦୟରେ ସ୍ୱୀକାର କଲେ) ।

ହଜରତ ମୁସଲେହ ମଉଦ ର:ଅ କୁହନ୍ତି; ଆହାଦିସ୍ ଓ ଇତିହାସ ପୁସ୍ତକମାନଙ୍କରେ ଏହି ବର୍ଣ୍ଣନା ଦରଜ ରହିଛି ଯେ, ହଜୁର ସ:ଆ:ସଙ୍କ ଦେହାନ୍ତ ହେବା ଯୋଗୁଁ ତାହା ସାହାବାମାନଙ୍କ ଉପରେ ଏଭଳି ଗଭୀର ପ୍ରଭାବ ପକାଇ ଥିଲା ଯେ, କେତେକ ତ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ ଓ ଆଉ କେତେକ ମୁକଙ୍କ ପରି କଥା କହିବା ଭୂଲିଗଲେ । କିଛି ସାହାବା ସ୍ଥିର ବସ୍ତୁ ପରି ଜଡ଼ ପାଲଟି ଗଲେ ଆଉ କେତେକ ଯେପରି ନିଜର ବୁଦ୍ଧିଜ୍ଞାନ ହରାଇ ବସିଲେ ତ ଆଉ କେତେକ ଏପରି ଏହି ଘଟଣାରେ ଏଭଳି ପ୍ରଭାବିତ ଓ ବ୍ୟଥିତ ହେଲେ ଯେ, ଅଳ୍ପ ଦିନରେ ହିଁ ଏହି ଭବ ସଂସାରରୁ ବିଦାୟ ନେଇଗଲେ । ହଜରତ ଉମର ର:ଅଙ୍କୁ ଦେଖ ସେ ଏଭଳି ଏହି ଘଟଣାରେ ଆଘାତିତ ହେଲେ ଯେ, ନିଜର ତରବାରୀ ଧରି ଛିଡ଼ା ହୋଇଗଲେ ଏବଂ କହିଲେ ଯେ କେହି କହିବ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଛି ବୋଲି ମୁଁ ତାହାର ଶୀର ଛେଦ କରିଦେବି । ଆପଣଙ୍କୁ ତ ମୁସାଙ୍କ ପରି ଡ଼କାଯାଇଛି ଯେପରି ହଜରତ ମୁସା ଆ:ସ ୪୦ ଦିନରେ ଫେରି ଆସିଥିଲେ ସେହିପରି କିଛି ଦିନରେ ହଜୁର ସ:ଆ:ସ ମଧ୍ୟ ଆମ ଗହଣକୁ ଫେରି ଆସିବେ । ହଜରତ ଉମର ର:ଅ ଏହି ଦାବିରେ ଏଭଳି ଅଟଳ ରହିଥିଲେ ଯେ, ସାହାବାମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଏହାର ରଦ୍ଦ କରିବାପାଇଁ ସାହାସ ଜୁଟାଇପାରୁନଥିଲେ ବରଂ ଆପଣ ର:ଅଙ୍କର ଏହି ଦୃଢ଼ତାର ସହିତ ନିଜର ଏହି ମନ୍ତବ୍ୟକୁ ରଖିବା ଦ୍ୱାରା କେତେକ ସାହାବା ଏହାକୁ ସଠିକ୍ ବୋଲି ମରିନେଲେ ଏବଂ ଆପଣ ର:ଅଙ୍କ ଅନୁଗାମୀ ପାଲଟି ଯାଇଥିଲେ । ଅର୍ଥାତ ଆପଣ ର:ଅଙ୍କର ସେହି କଥାକୁ ଗ୍ରହଣ କରିନେଇଥିଲେ ଯେ ବର୍ତମାନ ହଜୁର ସ:ଆ:ସଙ୍କର ଦେହାନ୍ତ ଘଟିନାହିଁ । ତେଣୁ ସେମାନେ ମନରେ ଏହି ଆଶା ବାନ୍ଧି ଆନନ୍ଦ ହେଉଥିଲେ ଅର୍ଥାତ କିଛି ତ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଆଉ କେତେକ ଏହି କଥାକୁ ସତ୍ୟ ବୋଲି ସ୍ୱୀକାର କରିନେଇଥିଲେ ଯେ, ହଜୁର ସ:ଆ:ସଙ୍କର ନିଧନ ହୋଇନାହିଁ ଏବଂ ଆନନ୍ଦରେ ମୁଣ୍ଡ ଟେକି ବୁଲୁଥିଲେ । ଏହି ଅବସ୍ଥା ଦେଖି କେତେକ ଦୂରଦର୍ଶୀ ସାହାବ. ଜଣେ ସାହାବିଙ୍କୁ ହଜରତ ଅବୁ ବକର ର:ଅଙ୍କ ନିକଟକୁ ପ୍ରେରଣ କଲେ, ଯେ ମଦିନାରେ ଉପସ୍ଥିତ ନଥିଲେ ବରଂ ମଦିନାର ନିକଟବର୍ତୀ ଏକ ଗ୍ରାମ ସନାଃକୁ ଚାଲିଯାଇଥିଲେ । ଯେତେବେଳେ ହଜୁର ସ:ଆ:ସଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ରୂପେ ସୁଧୁରିବାକୁ ଲାଗିଲା, ସେତେବେଳେ ସେ ସେଠାକୁ ଚାଲିଯାଇଥିଲେ । ସେ ଯାହା ହେଉ ସେଠାକୁ ଯାଇ ଉକ୍ତ ସାହାବି ଜଣକ ହଜରତ ଅବୁ ବକର ର:ଅଙ୍କ ସହିତ ସାକ୍ଷାତ କଲେ । ଯଦିଓ ସେତେବେଳେ ହଜରତ ଅବୁ ବକର ର:ଅ ମଦିନାକୁ ଫେରିବାକୁ ବାହାରୁଥିଲେ । ତେବେ ହଜରତ ଅବୁ ବକର ର:ଅଙ୍କୁ ଦେଖି ଉକ୍ତ ସାହାବା ଜଣକ ନିଜ ଭାବନା ଓ ଉଦ୍‌ବେଗ ଉପରେ ନିୟନ୍ତ୍ରଣ ରକ୍ଷା କରିପାରିଲେନାହିଁ ଏବଂ ନିରନ୍ତର ଭାବରେ ରୋଦନ କରିଚାଲିଲେ । ତାଙ୍କୁ ଦେଖି ହଜରତ ଅବୁ ବକର ର:ଅ ବୁଝିଗଲେ ଏବଂ ତାଙ୍କୁ ପଚାରିଲେ କ'ଣ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଛି ? ସେ ଉତର ଦେଲେ ହଜରତ ଉମର ର:ଅ ତ କହୁଛନ୍ତି ଯେ ହଜୁର ସ:ଆ:ସଙ୍କର ପରଲୋକ ହୋଇନାହିଁ ଏବଂ ଯେ କେହି ଏପରି କହିବ ମୁଁ ତା'ର ଶିର ଛେଦ କରିଦେବି । ସେ ଯାହା ହେଉ ସେଥିଅନ୍ତେ ହଜରତ ଅବୁ ବକର ର:ଅ ମଦିନା ଫେରି ଆସିଲେ ମଦିନାରେ ପହଂଚି ଆପଣ ସର୍ବପ୍ରଥମେ ହଜୁର ସ:ଆ:ସଙ୍କ ଗୃହରେ ପ୍ରବେଶ କଲେ ଏବଂ ଆଁ ହଜରତ ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରୁ କପଡ଼ା ଉଠାଇ ଆପଣ ସ:ଆ:ସଙ୍କୁ ଦେଖିଲେ । ଆପଣ ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳକୁ ଚୁମ୍ବନ ଦେଲେ ଏବଂ କହିଲେ ଅଲ୍ଲାଃ ତାଲା ଆପଣଙ୍କୁ ଦୁଇଟି ମୃତ୍ୟୁ ପ୍ରଦାନ କରିବ ନାହିଁ । ହଁ ତୁମ ମୃତ୍ୟୁରେ ସଂସାର ବାସୀଙ୍କର ଏକ ବିରାଟ କ୍ଷତି ଘଟିଛି ଯାହାକି କୌଣସି ନବୀଙ୍କ ମୃତ୍ୟୁରେ ଘଟିନଥିଲା । ତୁମ ଅସ୍ତିତ୍ୱ, ତୁମ ଉତମ ଚରିତ୍ରଠାରୁ ଉର୍ଦ୍ଧରେ ରହିଛି ଓ ତୁମ ଶ୍ରେଷ୍ଠତା ଏପରି ଯେ, ତୁମ ବିରହ ବିଚ୍ଛେଦର ରୋଦନ ଦ୍ୱାରା ତାହା ହ୍ରାସ ହେବନାହିଁ । ଯଦି ତୁମ ମୃତ୍ୟୁକୁ ଟାଳି ଦେବାର କ୍ଷମତା ଆମ ନିକଟରେ ଥାଆନ୍ତା ତେବେ ଆମେ ସମସ୍ତେ ନିଜ ଜୀବନ ଉତ୍ସର୍ଗ କରି ଆପଣ ସ:ଆ:ସଙ୍କୁ ବଂଚାଇ ଦେଇଥାନ୍ତୁ । ଏହା କହି ହଜରତ ଅବୁ ବକର୍ ର:ଅ ହଜୁର ସ:ଆ:ସଙ୍କ ଉପରେ କପଡ଼ା ଘୋଡ଼ାଇ ଦେଲେ ଏବଂ ସେହି ସ୍ଥାନକୁ ଆସିଲେ ଯେଉଁ ସ୍ଥଳେ ହଜରତ ଉମର ର:ଅ ଦଳବଦ୍ଧ ଭାବରେ ସାହାବାଙ୍କ ଗହଣରେ ବସିଥିଲେ ଏବଂ ଲୋକମାନଙ୍କୁ କହୁଥିଲେ ଯେ, ହଜୁର ସ:ଆ:ସଙ୍କ ସ୍ୱର୍ଗବାସ ହୋଇନାହିଁ ବରଂ ଆପଣ ସ:ଆ:ସ ଜୀବିତ ଅଛନ୍ତି । ସେଠାରେ ପହଂଚି ହଜରତ ଅବୁ ବକର୍ ର:ଅ ହଜରତ ଉମର ର:ଅଙ୍କୁ କହିଲେ ଏବେ ଟିକେ ନୀରବ ରୁହ, କିନ୍ତୁ ହଜରତ ଉମର୍ ର:ଅ ଶାନ୍ତ ହେଲେନାହିଁ । ସେଥିଅନ୍ତେ ଆପଣ ର:ଅ ଗୋଟିଏ ପାର୍ଶ୍ୱକୁ ଘୁଂଚିଗଲେ ଏବଂ ଲୋକମାନଙ୍କୁ ସମ୍ବୋଧନ କରି କହିଲେ, ବାସ୍ତବପକ୍ଷେ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ଘଟିଯାଇଛି । ସାହାବାଗଣ ହଜରତ ଉମର ର:ଅଙ୍କ ସାଥି ଛାଡ଼ି ଅର୍ଥାତ ତାଙ୍କ ନିକଟରୁ ଉଠି ଆସି ହଜରତ ଅବୁ ବକର ର:ଅଙ୍କ ନିକଟରେ ଏକତ୍ରିତ ହୋଇଗଲେ । ଶେଷରେ ହଜରତ ଉମର ର:ଅ ମଧ୍ୟ ହଜରତ ଅବୁ ବକର୍ ର:ଅଙ୍କ କଥା ଶୁଣିବାକୁ ବାଧ୍ୟ ହେଲେ । ତା'ପରେ ହଜରତ ଅବୁ ବକର ର:ଅ କୋରାନ୍‌ର ଏହି ପବିତ୍ର ଆୟତମାନ ଆବୃତି କଲେ: ଓମା ମୁହମ୍ମଦୁନ୍ ଇଲ୍ଲା ରସୁଲ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ । ଅଫଇମ୍ ମାତା ଅଔ କୁତିଲନ୍ କଲବ୍‌ତୁମ୍ ଅଲା ଆକାବିକୁମ୍... (ସୁରେଃ ଆଲେ ଇମ୍‌ରାନ୍:୧୪୫) ଅର୍ଥାତ ମୁହମ୍ମଦ ସ:ଆ:ସ ଅଲ୍ଲାଃ ତାଲାଙ୍କର କେବଳ ଜଣେ ରସୁଲ୍ ଥିଲେ ତାଙ୍କ ପୂର୍ବରୁ ଯେତେ ରସୁଲ୍‌ମାନ ଅତିକ୍ରାନ୍ତ କରିଛନ୍ତି ସମସ୍ତଙ୍କର ମୃତ୍ୟୁ ଘଟିସାରିଛି । ସୁତରାଂ ଯଦି ସେ ମୃତ୍ୟୁ ବରଣ କରନ୍ତି ବା ତାହାଙ୍କୁ ହତ୍ୟା କରାଯାଏ ତେବେ କ'ଣ ତୁମେମାନେ ପଶ୍ଚାତପଦ ହୋଇ ଫେରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତପଦ ହୋଇ ଫେରିଯାଏ ସେ ଅଲ୍ଲାଃଙ୍କର କଦାପି କିଛି କ୍ଷତି କରିପାରିବ ନାହିଁ ଏବଂ ଅଲ୍ଲାଃ କୃତଜ୍ଞମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ । ସେଥିଅନ୍ତେ ଏହି ବାକ୍ୟ ମଧ୍ୟ ଆବୃତି କଲେ: **ୟା ଆୟୋହନ୍ ନାସୁ ମନ୍ କାନା ୟାବୁଦୁ ମୁହମ୍ମଦନ୍ ଫଇନ୍ନା ମୁହମ୍ମଦନ୍ କଦ୍ ମାତା ୱ ମନ୍ କାନା ୟାବୁଦୁଲ୍ଲାହା**

**ଫଇନ୍ନଲ୍ଲାହା ହୟ୍ୟୁନ୍ ଲା ୟମୁତ ।** ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯିଏ ମୁହମ୍ମଦ ସ:ଆ:ସଙ୍କର ଉପାସନା କରୁଥିଲା ସେ ଶୁଣିନେଉ ଯେ ମୁହମ୍ମଦ ସ:ଆ:ସଙ୍କର ବିୟୋଗ ଘଟିସାରିଛି ଏବଂ ଯିଏ କେହି ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲା ସେ ପ୍ରସନ୍ନିତ ହେଉ ଯେ ଅଲ୍ଲାଃ ତାଲା ଅବିନାଶି ଓ ଚିରଞ୍ଜୀବି ଓ ମୃତ୍ୟୁ କଦାପି ତାଙ୍କୁ ନିଜ ବଶିଭୁତ କରିପାରିବନାହିଁ । ଯେତେବେଳେ ହଜରତ ଅବୁ ବକର୍ ର:ଅ ଉପରୋକ୍ତ ଦୁଇଟିଯାକ ଆୟତ ପାଠ କଲେ ଓ ଲୋକମାନଙ୍କୁ ବତାଇଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହୋଇସାରିଛି, ସେତେବେଳେ ସାହାବାମାନଙ୍କ ଉପରେ ସତ୍ୟ ପ୍ରକାଶ ହେଲା, ଫଳତଃ ସାହାବାମାନେ କାନ୍ଦିବାକୁ ଲାଗିଲେ । ହଜରତ ଉମର ର:ଅ ନିଜେ ବର୍ଣ୍ଣନା କରିଛନ୍ତି ଯେ:- ଯେତେବେଳେ ପବିତ୍ କୁର୍ଆନ୍ର ଆୟତ ଜରିଆରେ ହଜରତ ଅବୁ ବକର ର:ଅ ଆଁ ହଜରତ ସ:ଆ:ସଙ୍କ ମୃତ୍ୟୁ ହେବା ପ୍ରମାଣ କରିଦେଲେ ସେତେବେଳେ ମତେ ଏମିତି ଜଣାପଡ଼ିଲା, ଯେମିତି ଏହି ଦୁଇଟି ଆୟତ ଆଜି ହିଁ ଅବତୀର୍ଣ୍ଣ ହୋଇଛନ୍ତି । ସୁତରାଂ ମୋ ଆଣ୍ଠୁରେ ଶକ୍ତି ନଥିଲା ଯେ ସେ ମୋ ଶରୀରକୁ ଧରି ରଖିବ । ମୋ ଗୋଡ଼ ଟଳମଳ ହେଲା ଓ ମୁଁ ଦୁଃଖରେ ଭାଙ୍ଗି ପଡ଼ି ଭୂଇଁ ଉପରେ ଟଳିପଡ଼ିଲି ।” *(ଦାଓ୍ବତୁଲ୍ ଅମୀର, ଅନ୍ଓ୍ବାରୁଲ୍ ଉଲୁମ୍, ଖଣ୍ଡ-୭, ପୃ-୩୪୫-୩୪୭)*

ଏ ସନ୍ଦର୍ଭରେ, ଅର୍ଥାତ ମୁସଲମାନମାନଙ୍କର ଯେଉଁ ପ୍ରଥମ ଇଜ୍ମାଆ (ଅର୍ଥାତ ସହମତି) ହୋଇଥିଲା, ସେ ପ୍ରସଙ୍ଗରେ ହଜରତ ମୁସ୍ଲେହ୍ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି ଯେ:- ହଜୁର ସ:ଆ:ସଙ୍କ ମୃତ୍ୟୁ ପୂର୍ବରୁ ସମସ୍ତ ଅବତାରଗଣ ଇହଧାମ ତ୍ୟାଗ କରିସାରିଛନ୍ତି ଯେଉଁମାନଙ୍କ ମଧ୍ୟରେ ମସିହ୍ ମଧ୍ୟ ଅର୍ନ୍ତଭୁକ୍ତ । ଅତଏବ ହଜୁର ସ:ଆ:ସଙ୍କ ସ୍ୱର୍ଗବାସ ଫଳରେ ମୁସଲମାନମାନେ ଯେତେବେଳେ ବ୍ୟସ୍ତବିବ୍ରତ ହୋଇପଡ଼ିଲେ ସେତେବେଳେ ହଜରତ ଉମର ର:ଅ ନିଜର ତରବାରୀ ଧରି ଛିଡ଼ା ହୋଇଯାଇଥିଲେ ଏବଂ କହିଲେ ଯଦି କିଏ ଏକଥା ଯେ କହିବ ଯେ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇ ଯାଇଛି ବୋଲି ମୁଁ ତାହାର ଶୀର ଛେଦ କରିଦେବି ବରଂ ସେ ତ ମୁସାଙ୍କ ପରି ଅଲ୍ଲାଃ ତାଲାଙ୍କୁ ସାକ୍ଷାତ କରିବାକୁ ଚାଲିଯାଇଛନ୍ତି ଏବଂ ଖୁବ୍ ଶିଘ୍ର ସେ ଆମ ଗହଣକୁ ଫେରିଆସିବେ ଏବଂ ଅମାନ୍ୟକାରୀଙ୍କୁ ନାଶ କରିବେ । ଏହା ତାଙ୍କର ବିଶ୍ୱାସ ଥିଲା ଯେ ଯେପର୍ଯ୍ୟନ୍ତ ଆଁ ହଜରତ ସ:ଆ:ସ ଅମାନ୍ୟକାରୀଙ୍କର ମୂଳୋତ୍ପାଟନ କରିଦେଇନାହାନ୍ତି ସେ ପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କର ମୃତ୍ୟୁ ହୋଇପାରିବ ନାହିଁ ବା ହେବ ନାହିଁ । ସେତେବେଳେ ହଜରତ ଅବୁ ବକର ର:ଅ ମଦିନାର ନିକଟବର୍ତ୍ତୀ ଏକ ଗ୍ରାମକୁ ଚାଲିଯାଇଥିଲେ, ଏହି ଖବର ଶୁଣି ଆପଣ ର:ଅ ମଦିନା ଫେରି ଆସିଲେ ଏବଂ ହଜୁର ସ:ଆ:ସଙ୍କ ଘରକୁ ଯାଇ ଆପଣ ସ:ଆ:ସଙ୍କ ପବିତ୍ର ମରଶରୀରକୁ ଦେଖିଲେ ଏବଂ ଆପଣ ସ:ଆ:ସଙ୍କ ମୃତ୍ୟୁକୁ ସୁନିଶ୍ଚିତ କରିବା ପରେ କହିଲେ, ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଦୁଇଟି ମୃତ୍ୟୁ କଦାପି ପ୍ରଦାନ କରିବନାହିଁ ଅର୍ଥାତ ଆପଣ ସ:ଆ:ସଙ୍କ ପରଲୋକ ହେବା ମାତ୍ରେ ମୁସଲମାନମାନେ ପଥଭ୍ରଷ୍ଟ ହୋଇଯିବେ ଏହା ଆପଣ ସ:ଆ:ସଙ୍କ ଆଧ୍ୟାତ୍ମିକ ମୃତ୍ୟୁ ହେବ । ସେଥିଅନ୍ତେ ହଜରତ ଅବୁ ବକର୍ ର:ଅ ସାହାବାମାନଙ୍କ ଗହଣକୁ ଚାଲିଗଲେ ଏବଂ କହିଲେ ମୁଁ କିଛି କହିବାକୁ ଚାହୁଁଛି । ହଜରତ ଉମର ର:ଅ ନିଜର ତରବାରୀ ଧରି ଛିଡ଼ା ହୋଇଥିଲେ ଏହି କଥା ମନସ୍ଥ କରି ଛିଡ଼ା ହୋଇଥିଲେ ଓ ସେ ଯେ ଯଦି କେହି କହିବ କି ହଜୁର ସ:ଆ:ସଙ୍କ ବିୟୋଗ ଘଟିଛି, ସେ ତାହାର ସ୍କନ୍ଦଚ୍ୟୁତ କରିଦେବେ । ଯେପରି କି ମୁଁ କହିଲି ଯେ, ହଜରତ ଅବୁ ବକର ର:ଅ ଲୋକମାନଙ୍କୁ ଏକଥା କହିଥିଲେ ଯେ:- **ମନ୍ କାନା ମିନ୍କୁମ୍ ୟାବୁଦୁ ମୁହମ୍ମଦନ୍.......... ଇନ୍ନଲ୍ଲାହା ହଇୟୁନ୍ ଲା ୟମୁତୁ ।** ଅର୍ଥାତ:- ଯିଏ ମୁହମ୍ମଦ ସ:ଆ:ସଙ୍କୁ ଉପାସନା କରୁଥିଲା, ସେ ଶୁଣିରଖୁ ଯେ ମୁହମ୍ମଦ ସ:ଆ:ସଙ୍କର ମୃତ୍ୟୁ ହୋଇସାରିଛି ଏବଂ ଯିଏ ଅଲ୍ଲାଃଙ୍କର ଉପାସନା କରୁଥିଲା, ସେ ଖୁସି ହୋଇଯାଉ ଯେ, ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ହେଉଛି ଜୀବନ୍ତ, ସେ କେବେ ବି ମରନ୍ତି ନାହିଁ । ଅର୍ଥାତ ତାଙ୍କୁ ମୃତ୍ୟୁ ଗ୍ରାସ କରିପାରିବ ନାହିଁ ।

ପୁଣି ହଜରତ ଅବୁ ବକର୍ ର:ଅ ପବିତ୍ର କୁର୍ଆନ୍ର ଏହି ଆୟତ ପାଠ କଲେ:- ଓମା ମୁହମ୍ମଦୁନ୍ ଇଲ୍ଲା ରସୁଲ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ । ଅଫଇମ୍ ମାତା ଅଓଁ କୁତିଲନ୍ କଲବ୍ତୁମ୍ ଅଲା ଆକାବିକୁମ୍... ଏବଂ ତାହାର ସୁନ୍ଦର ବ୍ୟାଖ୍ୟା କରି ଆପଣ ସାହାବାମାନଙ୍କୁ ବୁଝାଇଥିଲେ ଏବଂ କହିଲେ ହଜୁର ସ:ଆ:ସଙ୍କ କାହିଁକି ବା ମୃତ୍ୟୁବରଣ କରିବେନାହିଁ ? ଆପଣ ସ:ଆ:ସ ଯଦି ମୃତ୍ୟୁବରଣ କରନ୍ତି ଅବା ଆପଣ ସ:ଆ:ସଙ୍କୁ କେହି ନଉଜୁବିଲ୍ଲାଃ ହତ୍ୟା କରିଦିଏ ତେବେ କଣ ଆପଣମାନେ ପଶ୍ଚାତପଦ କରି ସ୍ୱଧର୍ମରୁ ଫେରିଯିବେ ? ଇସ୍ଲାମ୍ ଧର୍ମକୁ ତ୍ୟାଗ କରିଦେବେ ? ହଜରତ ଉମର ର:ଅ କୁହନ୍ତି: ହଜରତ ଅବୁ ବକର ର:ଅ ଯେତେବେଳେ ଏହି ଆୟତ ପଢ଼ିଲେ ସେତେବେଳେ ମୋ ଆଖି ଫିଟିଗଲା ଓ ମୁଁ ଅନୁଭବ କଲି ଯେ, ଏହି ଆୟତଟି କାଲେ ବର୍ତମାନ ହିଁ ଅବତୀର୍ଣ୍ଣ ହୋଇଛି । ମୋ ମନରେ ଏ କଥା ସ୍ପଷ୍ଟ ହୋଇଗଲା ଯେ, ହଜୁର ସ:ଆ:ସ ପ୍ରକୃତରେ ମୃତ୍ୟୁବରଣ କରିସାରିଛନ୍ତି ଏବଂ ମୋର ଗୋଡ଼ ଦ୍ୱୟ ଥରି ଉଠିଲା ଓ ମୁଁ ଭୂମିରେ ପଡ଼ିଗଲି । ଉପରୋକ୍ତ ଘଟଣାର ଚର୍ଚ୍ଚା କରି ହଜରତ ମୁସ୍ଲେହ ମଉଦ ର:ଅ କୁହନ୍ତି ଏହା ଥିଲା ସାହାବାମାନଙ୍କର ଏକ ଇଜ୍ମାଆ ଅର୍ଥାତ ସର୍ବସମ୍ମତ ନିଷ୍ପତି କାରଣ ସେତେବେଳେ ସମସ୍ତ ସାହାବାମାନେ ଉପସ୍ଥିତ ଥିଲେ । ଏଭଳି ପରିସ୍ଥିତି କେବେ ହେଲେ ମୁସଲମାନମାନେ ଆଗରୁ ସମ୍ମୁଖିନ ହୋଇନଥିଲେ କାରଣ ମୁସଲମାନମାନେ ଏହା ପୂର୍ବରୁ କେବେ ଏପରି ଭାବରେ ଏକତ୍ରିତ ହୋଇନଥିଲେ । ଉକ୍ତ ଏକତ୍ରିକରଣରେ ହଜରତ ଅବୁ ବକର ର:ଅ ଏହି ଆୟତ ପଢ଼ିଲେ ଯେ, ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଲ୍ଲାଃ ତାଲାଙ୍କର କେବଳ ଜଣେ ବାର୍ତାବହ ଓ ଅବତାର ଏବଂ ଆପଣ ସ:ଆ:ସଙ୍କ ପୂର୍ବରୁ ଯେତେ ସବୁ ଅବତାରମାନେ ଧରାପୃଷ୍ଠକୁ ଆସିଛନ୍ତି ସେମାନେ ସମସ୍ତେ ଏଠାରୁ ବିଦାୟ ନେଇ ସାରିଛନ୍ତି (ଅର୍ଥାତ ମୃତ୍ୟୁବରଣ କରିସାରିଛନ୍ତି) ଅତଏବ ହଜୁର ସ:ଆ:ସଙ୍କ ମୃତ୍ୟୁବରଣ କରିବା କୌଣସି ଆଶ୍ଚର୍ଯ୍ୟକର କଥା ନୁହେଁ, କୌଣସି ନୀତି ବିରୋଧି ଅବା ପ୍ରକୃତିର ନିୟମ ବିପରୀତ ଘଟଣା ନୁହେଁ । ସୁତରାଂ ସମସ୍ତ ସାହାବାମାନେ ଏହା ଉପରେ ଏକମତ ହୋଇଗଲେ । *(ଉଦ୍ଧୃତାଂଶ ମସ୍ଅଲା ଓ୍ବହି ଓ ନବୁଓ୍ବତ୍ କେ ମୁତାଲିକ୍ ଇସ୍ଲାମୀ ନଜ୍ରିୟା, ଅନଓ୍ବାରୁଲ୍ ଉଲୁମ୍, ଖଣ୍ଡ-୨୩, ପୃ-୩୨୭-୩୨୮)*

ହଜରତ ଅବୁ ବକର ର:ଅଙ୍କ ପ୍ରସଙ୍ଗରେ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ:ସ କୁହନ୍ତି: ମୁସଲମାନ ସମ୍ପ୍ରଦାୟ ଉପରେ ହଜରତ ଅବୁ ବକର ର:ଅଙ୍କର ଏଭଳି ମହାନ ଉପକାର ରହିଛି ଯେ ଯଦି କିଏ ତାଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହେଁ ସେ ତାହା କରିପାରିବ ନାହିଁ । ଅର୍ଥାତ କୃତଜ୍ଞତା ଜ୍ଞାପନ କରିବାକୁ ଚାହିଁଲେ ତାହାର ଉପଯୁକ୍ତ କୃତଜ୍ଞତା ଜ୍ଞାପନ କରିପାରିବ ନାହିଁ । ହଜରତ ଅବୁ ବକର ର:ଅ ଯଦି ସମସ୍ତ ସାହାବାମାନଙ୍କୁ ମସ୍ଜିଦ୍ରେ ଏକତ୍ରିତ କରି ଏହି ଆୟତ ଅର୍ଥାତ ନବୀମାନଙ୍କ ସ୍ୱର୍ଗବାସ ହେବା ଘଟଣା ବୁଝାଇ ନଥାନ୍ତେ ତେବେ ମୁସଲମାନ ସମ୍ପ୍ରଦାୟର ଅବଶ୍ୟ ଅବସାନ ହୋଇଯାଇଥାନ୍ତା, ସେହିଠାରେ ହିଁ ସେମାନେ ଧୂଳିସାତ ହୋଇଯାଇଥାନ୍ତେ କାରଣ ଏଭଳି ପରିସ୍ଥିତିରେ ସେ ସମୟର ଭ୍ରଷ୍ଟ ଓଲେମାଗଣ ଏ କଥା କହିଥାନ୍ତେ ଯେ, ଓ ସାହାବାମାନଙ୍କର ମଧ ଏହି ମତାମତ ରହିଥିଲା ଯେ, ହଜରତ ଈଶା ଆ:ସ ଜୀବିତ ଅଛନ୍ତି । କିନ୍ତୁ ହଜରତ ଅବୁ ବକର ର:ଅଙ୍କର ଉକ୍ତ ଆୟତ ଉପସ୍ଥାପିତ କରିବା ଫଳରେ ସମସ୍ତ ସାହାବାମାନେ କେବଳ ଏହି ସିଦ୍ଧାନ୍ତରେ ଉପନୀତ ହେଲେନାହିଁ ଯେ, ସମସ୍ତ ଅବତାରଗଣଙ୍କର ମୃତ୍ୟୁ ହୋଇସାରିଛି ବରଂ ଉକ୍ତ ଇଜ୍ମାକୁ କେନ୍ଦ୍ର କରି ଅନେକ କବିତାମାନ ମଧ୍ୟ ରଚନା କରାଗଲା । ହଜରତ ଅବୁ ବକର ର:ଅଙ୍କ ଆତ୍ମା ଉପରେ ଅଲ୍ଲାଃ ତାଲାଙ୍କର କୋଟି କୋଟି ଦୟା ଅବତୀର୍ଣ୍ଣ ହେଉ କାରଣ ସେ ସମସ୍ତ ପୂଣ୍ୟଆତ୍ମାମାନଙ୍କୁ ମୃତ୍ୟୁମୂଖରୁ ବଂଚାଇ ଦେଲେ । ଉକ୍ତ ଇଜ୍ମାରେ ସମସ୍ତ ସାହାବାମାନେ ମଧ ଉପସ୍ଥିତ ଥିଲେ । ସେହି ସମସ୍ତ ସାହାବାମାନଙ୍କ ମଧ୍ୟରୁ ଜଣେ ବି ବାହାରେ ନଥିଲେ । ସାହାବାମାନଙ୍କର ଏହା ପ୍ରଥମ ଇଜ୍ମା ଥିଲା ଅର୍ଥାତ ସର୍ବସମ୍ମତ ନିଷ୍ପତି ଥିଲା ଓ ତାହା ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ ମୂଳକ କାର୍ଯ୍ୟାନୁଷ୍ଠାନ ଥିଲା । ହଜରତ ଅବୁ ବକର୍ ର:ଅଙ୍କୁ ହଜରତ ମସିହ ମଉଦ ଆ:ସଙ୍କ ସହିତ ଏକ ସାମଞ୍ଜସ୍ୟତା ରହିଛି ଏବଂ ତାହା ଏହିପରି ଯେ ଅଲ୍ଲାଃ ତାଲାଙ୍କର ଉଭୟଙ୍କ ସଂକ୍ରାନ୍ତରେ ଏ ପ୍ରତିଶୃତି ରହିଥିଲା ଯେ, ଇସ୍ଲାମ୍ ଧର୍ମ ଉପରେ ଯେତେବେଳେ ଏହି ଭୟର ବାତାବରଣ ଆଚ୍ଛନ୍ନ ହେବ ଓ ଧର୍ମରୁ ଓହରି ଯିବା ପ୍ରକ୍ରିୟା ଆରମ୍ଭ ହୋଇଯିବ ସେତେବେଳେ ଏମାନଙ୍କର ଆର୍ବିଭାବ ଘଟିବ । ତେଣୁ ହଜରତ ଅବୁ ବକର ର:ଅ ଓ ହଜରତ ମସିହ ମଉଦ ଆ:ସଙ୍କ କାଳରେ ଏହା ହିଁ ହୋଇଥିଲା । ଅର୍ଥାତ ହଜରତ ଅବୁ ବକର ର:ଅଙ୍କ ବିୟୋଗ ପରେ ଶତାଧିକ ମୂର୍ଖ ଆରବୀ ବାସୀ ଧର୍ମରୁ ଓହରି ଯାଇଥିଲେ । କେବଳ ଦୁଇଟି ମସ୍ଜିଦ୍ ବାକି ରହିଯାଇଥିଲା ଯେଉଁଠାରେ ସାମୁହିକ ରୂପେ ନମାଜ ପାଠ ହେଉଥିଲା । ହଜରତ ଅବୁ ବକର ର:ଅ ପୂର୍ନବାର ସେମାନଙ୍କୁ ଇସ୍ଲାମ୍ ଧର୍ମରେ ଏକତ୍ରିତ କରିଦେଲେ । ସେହିପରି ହଜରତ ମସିହ୍ ମଉଦ ଆ:ସଙ୍କ ସମୟରେ ଲକ୍ଷାଧିକ ମୁସଲମାନ ଇସ୍ଲାମ୍ ଧର୍ମରୁ ଓହରି ଯାଇ ଖ୍ରୀଷ୍ଟଧର୍ମରେ ଦିକ୍ଷୀତ ହୋଇଯାଇଥିଲେ । ଉପର ବର୍ଣ୍ଣିତ ଉଭୟ ପ୍ରତିକୂଳ ପରିସ୍ଥିତି ସମ୍ପର୍କରେ ପବିତ୍ର କୁର୍ଆନ୍ରେ ଉଲ୍ଲେଖ ଅଛି ଅର୍ଥାତ ଭବିଷ୍ୟବାଣୀ ସ୍ୱରୁପ ଚର୍ଚ୍ଚା ହୋଇଛି” ।

ହଜରତ ଅବୁ ବକର ର:ଅଙ୍କ ଖିଲାଫତ ସମ୍ପର୍କରେ ଉଲ୍ଲେଖ ରହିଛି ଯେ ଯେତେବେଳେ ସାହାବାମାନଙ୍କୁ ହଜୁର ସ:ଆ:ସଙ୍କ ବିୟୋଗ ସମ୍ପର୍କରେ ଜ୍ଞାତ ହେଲା ସେତେବେଳେ ଅନ୍ସାରମାନେ ସଖିଫା ବନି ସାଆଦ୍ଃ ଠାରେ ଏକତ୍ରିତ ହୋଇଥିଲେ । ସେହି ସଭାରେ ଖିଲାଫତ୍ ସମସ୍ୟା ଉପରେ ଆଲୋଚନା ଚାଲିଥିଲା ଯେ, (ଅର୍ଥାତ ଆସନ୍ତାରେ କିଏ ଖଲିଫା ହେବ ଖିଲାଫତ୍ ଆସନରେ ବିରାଜମାନ ହେବ) ଅନ୍ସାର୍ମାନେ ଖଜ୍ରଜ୍ ସମ୍ପ୍ରଦାୟର ପଥପ୍ରଦର୍ଶକ ହଜରତ ସାଦ ବିନ୍ ଅବାଦାଃ ର:ଅଙ୍କ ନିକଟରେ ଏକତ୍ରିତ ହୋଇଥିଲେ । *(ସୟଦନା ଅବୁ ବକର୍ ସିଦ୍ଦିକ୍ ର:ଅ ଶଖ୍ସିୟତ୍ ଅଓର୍ କାର୍ନାମେ ଅଜ୍ ଅଲୀ ମୁହମ୍ମଦ୍ ସଲାବି, ପୃ-୧୭୪)*

ହଜରତ ସାଆଦ୍ ବିନ୍ ଅବାଦାଃ ର:ଅ ସେହି ଦିନ ମାନଙ୍କରେ ଅସୁସ୍ଥ ଥିଲେ, ସେ ଅନ୍ସାରମାନଙ୍କର ବଳିଦାନ ଓ ଇସ୍ଲାମ୍ ପାଇଁ ସେମାନଙ୍କର ସେବାର ସବିଶେଷ ଚର୍ଚ୍ଚା କରି ସେମାନଙ୍କୁ ଖିଲାଫତ୍ର ପ୍ରକୃତ ଅଧିକାରୀ ରୁପେ ବିବେଚିତ କରିଥିଲେ । କିନ୍ତୁ ଅନ୍ସାର୍ମାନେ ହଜରତ ସାଦ୍ ବିନ୍ ଅବାଦାଃ ର:ଅ ଙ୍କୁ ହିଁ ଖିଲାଫତ୍ ଆସନ ନିମନ୍ତେ ଉପଯୁକ୍ତ ପାର୍ଥି ବୋଲି ମଣୁଥିଲେ । ଅନ୍ସାର୍ମାନେ ବର୍ତମାନ ତାଙ୍କର ବୈଅତ କରିନଥିଲେ ଯେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏହି ପ୍ରଶ୍ନ ଉପସ୍ଥାପନ କରିଦେଲା ଯେ, ଯଦି ମୁହାଜର୍ମାନେ ତାଙ୍କୁ ସ୍ୱୀକାର ନକରନ୍ତି ଅର୍ଥାତ ତାଙ୍କର ବୈଅତ ନକରନ୍ତି ତେବେ କ'ଣ ହେବ ? ସୁତରାଂ ଏହାର ସମାଧାନରେ ଜଣେ ବ୍ୟକ୍ତି ଏହି ପରାମର୍ଶ ଦେଲା ଯେ ଅନସାରମାନଙ୍କ ମଧ୍ୟରୁ ଜଣେ ଖଲିଫା ହୁଅନ୍ତୁ ଏବଂ ଆଉ ଜଣେ ମୁହାଜିର୍ ଅର୍ଥାତ ପ୍ରବାସକାରୀଙ୍କ ମଧ୍ୟରୁ ଖଲିଫା ହୁଅନ୍ତୁ । ଏମିତି ହେବା ଦ୍ୱାରା କୌଣସି ସମସ୍ୟା ଉପୁଜିବ ନାହିଁ କିନ୍ତୁ ହଜରତ ସାଦ ବିନ୍ ଅବାଦାଃର:ଅ ତାହାକୁ ବନୁ ଅଓ୍ବସ୍ ସମ୍ପ୍ରଦାୟର ଦୁର୍ବଳତା ବୋଲି ବିବେଚିତ କଲେ । ଯେତେବେଳେ ଅନସାରମାନେ କବିଲା ସକିଫା ବନି ସାଆଦାଃ ଠାରେ ଖିଲାଫତ୍ ସମ୍ପର୍କରେ ଆଲୋଚନା କରୁଥିଲେ ସେତେବେଳେ ହଜରତ ଉମର ବିନ୍ ଖତାବ୍ ର:ଅ, ହଜରତ ଅବୁ ଉବେଦାଃ ବିନ୍ ଜର୍ରାହ ର:ଅ ଓ ଅନ୍ୟ ବଡ଼ ବଡ଼ ସାହାବାମାନେ ମସ୍ଜିଦେ ନବୱି ଠାରେ ହଜୁର ସ:ଆ:ସଙ୍କ ଅକାଳ ବିୟୋଗ ଉପରେ ଚର୍ଚ୍ଚା କରୁଥିଲେ ।ଅପରପଟେ ହଜରତ ଅବୁ ବକର ର:ଅ, ହଜରତ ଅଲୀର:ଅ ଓ ଅନ୍ୟ ସାହାବାମାନେ ହଜୁର

ସ:ଆ:ସଙ୍କ ଅନ୍ତ୍ୟେଷ୍ଟିକ୍ରିୟାର ବ୍ୟବସ୍ଥା କରିବାରେ ବ୍ୟସ୍ତ ଥିଲେ । କାହାରିକୁ ଖିଲାଫତ୍ ସମ୍ପର୍କରେ କୌଣସି ଚିନ୍ତା ନଥିଲା ଏବଂ ସଭିଁଏ ଏହି ପ୍ରସଙ୍ଗରୁ ଅବଚେତନ ଥିଲେ କିନ୍ତୁ ଏହା ବିପରୀତ ଅନ୍‌ସାର୍‌ମାନେ ଏହି ବିଚାର ବିମର୍ଶରେ ଲାଗି ରହିଥିଲେ ଯେ, ଆସନ୍ତାରେ ଅମୀର କିଏ ହେବ? *(ସିଦ୍ଦିକେ ଅକ୍‌ବର୍, ମୁହମ୍ମଦ ହୁସୈନ୍ ହୈକଲ୍........ ପୃ- ୮୫,୮୬....... ଲାହୋର୍)*

ତବ୍‌କାତେ କୁବ୍‌ରାଃରେ ଉଲ୍ଲେଖ ରହିଛି ଯେ ଜରତ ଉମର ବିନ୍ ଖତାବ୍ ର:ଅ, ହଜରତ ଉବେଦାଃ ବିନ୍ ଜର୍‌ରାହ୍ ର:ଅଙ୍କ ନିକଟକୁ ଗଲେ ଏବଂ କହିଲେ ଆପଣ ର:ଅ ନିଜର ହାତ ଆଗକୁ କରନ୍ତୁ ମୁଁ ଆପଣଙ୍କ ହସ୍ତରେ ବୈଅତ କରିବାକୁ ଚାହୁଁଛି । ହଜୁର ସ:ଆ:ସଙ୍କ ପବିତ୍ର ତୁଣ୍ଡରୁ ଆପଣ ର:ଅଙ୍କୁ ଏହି ଜାତିର ଅମୀନ୍ ଅର୍ଥାତ ସନ୍ତକ ରକ୍ଷାକାରୀ ରୂପେ ମାନ୍ୟତା ପ୍ରଦାନ କରାଯାଇଥିଲା । ପ୍ରତ୍ୟୁତରରେ ହଜରତ ଅବୁ ଉବାଦାଃ ର:ଅ ହଜରତ ଉମର ର:ଅଙ୍କୁ କହିଲେ ଆପଣ ଯେବେଠାରୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛନ୍ତି ମୁଁ କେବେ ବି ଆପଣ ର:ଅଙ୍କଠାରେ ଏଭଳି ଅବହେଳା ପୂର୍ଣ୍ଣ କଥା ଦେଖିନାହିଁ । କଣ ତୁମେ ମୋର ବୈଅତ କରିବ ଯେବେ କି ତୁମମାନଙ୍କ ମଧ୍ୟରେ ସଦ୍ଦିକ୍ ତଥା ସାନି ଇସ୍‌ନୈନେ ଅର୍ଥାତ ହଜରତ ଅବୁ ବକର ର:ଅ ମହଜୁଦ୍ ଅଛନ୍ତି । *(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ- ୧୩୫....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍, ଲେବ୍‌ନାନ୍ ୧୯୯୦)*

ଏହି ବାର୍ତ୍ତାଳାପ ସମୟରେ ଅନ୍‌ସାର୍‌ମାନଙ୍କ ଇଜ୍‌ମାଆ ଅର୍ଥାତ ଗୋଟିଏ କଥାରେ ଏକତ୍ର ହୋଇ ସହମତ ହେବା ସମ୍ପର୍କରେ ସୂଚନା ମିଳିଲା । ଫଳତଃ ହଜରତ ଉମର ର:ଅ ହଜରତ ଅବୁ ବକର ର:ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କରି ଡ଼କାଇଲେ ଏବଂ ଏକ ଜରୁରୀ ବିଷୟ ପ୍ରସଙ୍ଗରେ ଆଲୋଚନା କରିବାକୁ କହି ଡ଼କାଇ ପଠାଇଲେ । ହଜରତ ଅବୁ ବକର ର:ଅ ଅନ୍ତିମ ସଂସ୍କାର ଓ ଅନ୍ତ୍ୟେଷ୍ଟିକ୍ରୀୟାର ଦ୍ୱାହି ଦେଇ ବାହାରକୁ ଆସିବାକୁ ଅସ୍ୱୀକାର କଲେ ଫଳତଃ ହଜରତ ଉମର ର:ଅ ପୂର୍ନବାର ସନ୍ଦେଶ ପ୍ରେରଣ କଲେ ଯେ, ଏକ ଜରୁରୀ କଥାର ଆବଶ୍ୟକତା ପଡ଼ିଛି ତେଣୁ ଏଠାରେ ଆପଣ ର:ଅ ଉପସ୍ଥିତ ହେବା ଅତ୍ୟନ୍ତ ଆବଶ୍ୟକୀୟ । ସୁତରାଂ ହଜରତ ଅବୁ ବକର ର:ଅ ବାହାରକୁ ଆସିଲେ ଓ ହଜରତ ଉମର ର:ଅଙ୍କୁ ପଚାରିଲେ ହଜୁର ସ:ଆ:ସଙ୍କ ଅନ୍ତିମ ସଂସ୍କାରର ବ୍ୟବସ୍ଥା କରିବା ଠାରୁ ବଳି ବର୍ତମାନ ଆଉ କେଉଁ ମହତ୍ୱ ପୂର୍ଣ୍ଣ କାର୍ଯ୍ୟ ବାକି ରହିଯାଇଛି ଯେଉଁଥିପାଇଁ ତୁମେ ମତେ ଡ଼ାକୁଛ ? ହଜରତ ଉମର ର:ଅ କହିଲେ, କଣ ଆପଣ ଜାଣନ୍ତି ଯେ ଅନ୍‌ସାର୍‌ମାନେ ସକିଫା ବନୁ ସାଆଦାଃଠାରେ ଏକତ୍ରିତ ହୋଇଯାଇଛନ୍ତି ଏବଂ ହଜରତ ସାଆଦ୍ ବିନ୍ ଅବାଦାଃ ର:ଅଙ୍କୁ ଖଲିଫା କରିବା ପାଇଁ ପରାମର୍ଶ କରୁଛନ୍ତି ? ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏକଥା କହୁଛି ଯେ ଆମମାନଙ୍କ ମଧ୍ୟରୁ ଜଣେ ଅମୀର ନିଯୁକ୍ତ ହେବା ଉଚିତ ଏବଂ କୁରୈଶ୍‌ମାନଙ୍କ ମଧ୍ୟରୁ ଜଣେ ଅମୀର ମୃତୟନ ହେବା ଉଚିତ । ଏକଥା ଶୁଣି ହଜରତ ଅବୁ ବକର ର:ଅ ଓ ହଜରତ ଉମର ର:ଅ ସକିଫା ବନୁ ସାଆଦାଃଠାରେ ପହଂଚିଲେ, ସେଠାରେ ତର୍କବିତର୍କ ଚାଲିଥିଲା ଯେ, ହଜରତ ଅବୁ ବକର ର:ଅ ଓ ହଜରତ ଉମର ର:ଅ ତଥା ଅବୁ ଅବାଦାଃ ର:ଅ ସେମାନଙ୍କ ମଧ୍ୟରେ ଯାଇ ବସିପଡ଼ିଲେ । *(ହଜରତ ସୟଦନା ଅବୁ ବକର୍ ସଦ୍ଦିକ୍ ପୃ- ୮୬,୮୭..... ଲାହୋର୍) (ସୟଦନା ସିଦ୍ଦିକେ ଅକ୍‌ବର୍ ଅଜ୍ ଅଲ୍‌ହାଜ୍ ହକିମ୍ ଗୁଲାମ୍ ନବୀ, ପୃ-୭୨-୭୩, ମୁଦ୍ରିତ ଅଦ୍‌ବିୟାତେ ଲାହୋର)*

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ଉମର ର:ଅ କହିଲେ:- ଆମେମାନେ ଅନ୍‌ସାର୍‌ମାନଙ୍କ ଆଡ଼କୁ ବାହାରି ପଡ଼ିଲୁ ଏବଂ ଆମେମାନେ ଯେତେବେଳେ ସେମାନଙ୍କ ନିକଟରେ ପହଂଚିଲୁ ସେତେବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ପୂଣ୍ୟ ସ୍ୱଭାବ ବ୍ୟକ୍ତି ଉଓ୍ୱେମ୍ ବିନ୍ ସାଆଦାଃ ଓ ମାଅନ୍ ବିନ୍ ଅଦିସେଙ୍କ ସହିତ ସାକ୍ଷାତ କଲୁ । ସେ ଦୁହେଁ ଅନ୍‌ସାର୍‌ମାନଙ୍କ ମନୋଭାବ ବିଷୟରେ ଆମକୁ ଅବଗତ କଲେ । ପୁନଶ୍ଚ ପ୍ରଶ୍ନ କଲେ ଯେ ଆପଣମାନେ କୁଆଡ଼େ ଯାଉଛନ୍ତି ? ସେମାନେ କହିଲେ ଆମେମାନେ ନିଜର ଅନ୍‌ସାର୍ ଭାଇମାନଙ୍କ ନିକଟକୁ ଯାଉଛୁ । ପୁଣି ସେମାନେ କହିଲେ ଅନ୍‌ସାର୍‌ମାନଙ୍କ ନିକଟକୁ ଯିବାର ଆବଶ୍ୟକତା ନାହିଁ ଆପଣମାନେ ନିଜେ ହିଁ ଏହି ମାମଲାର ସମାଧାନ କରନ୍ତୁ । ହଜରତ ଉମର୍ ର:ଅ କୁହନ୍ତି: ମୁଁ କହିଲି ଅଲ୍ଲାଃଙ୍କ ରାଣ ! ଆମେମାନେ ସେମାନଙ୍କ ନିକଟକୁ ଅବଶ୍ୟ ଯିବୁ । *(ସହି ବୁଖାରୀ, କିତାବୁଲ୍ ମଗାଜି, ହଦିସ୍ ୪୦୨୧) (ସହି ବୁଖାରୀ, କିତାବୁଲ୍ ହୁଦୁଦ୍...... ହଦିସ୍-୬୮୩୦)* ଅତଏବ ସେମାନେ ଚାଲିଗଲେ ।

ହ ଉମର ର:ଅ ବର୍ଣ୍ଣନା କରନ୍ତି: ଆମେମାନେ ଅନ୍‌ସାର୍‌ମାନଙ୍କ ନିକଟରେ ପହଂଚିଲୁ ମୁଁ ନିଜ ମନ ଭିତରେ ଏକଥା ଭାବି ରଖିଥିଲି ଯେ, ମୁଁ ତାହା ଅନ୍‌ସାର୍‌ମାନଙ୍କ ଆଗରେ ବର୍ଣ୍ଣନା କରିବି ଅତଏବ ମୁଁ ଯେତେବେଳେ ତାଙ୍କ ନିକଟରେ ପହଂଚିଲି ଏବଂ କିଛି କହିବାକୁ ଆରମ୍ଭ କଲି । ହଜରତ ଅବୁ ବକର ର:ଅ ମତେ କହିଲେ ରହିଯାଅ, ଯେପର୍ଯ୍ୟନ୍ତ ମୁଁ କଥା ସମ୍ପୂର୍ଣ୍ଣ ନ କରିଛି ସେ ପର୍ଯ୍ୟନ୍ତ ତୁମେ କୌଣସି କଥା କହିବ ନାହିଁ । ମୋ ପରେ ତୁମେ ଯାହା ଚାହିଁବ କହିପାରିବ । ଏଥିଅନ୍ତେ ମୁଁ ନୀରବ ରହିଗଲି ଏବଂ ହଜରତ ଅବୁ ବକର ର:ଅ ନିଜର କଥା ଆରମ୍ଭ କଲେ ମୁଁ ଯେଉଁ କଥା କହିବାକୁ ଚାହୁଁଥିଲି ସେ ତା'ଠାରୁ ବି ଅଧିକ କଥା କହିଲେ । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୪୨..... ବେରୁତ ୧୯୮୭)*

ହଜରତ ଅବୁ ବକର ର:ଅ ଯେଉଁ ଭାଷଣ ଦେଇଥିଲେ ତା'ର ସଂକ୍ଷିପ୍ତ ଚର୍ଚ୍ଚା ହେଉଛି ଏହିପରି । ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବର୍ଣ୍ଣନା କରନ୍ତି: ହଜରତ ଅବୁ ବକର ର:ଅ ଭାଷଣ ଦେବା ଆରମ୍ଭ କଲେ । ସର୍ବପ୍ରଥମେ ସେ ଅଲ୍ଲାଃଙ୍କ ପ୍ରଶଂସା ଓ ମହିମା ଗାନ କଲେ ଏବଂ ସେଥିଅନ୍ତେ କହିଲେ, ଅଲ୍ଲାଃ ତାଲା ନିଜର ସୃଷ୍ଟଜ ମନୁଷ୍ୟ ଜାତି ଆଡ଼କୁ ମୁହମ୍ମଦ ସ:ଆ:ସଙ୍କୁ ବାର୍ତାବହ କରି ପ୍ରେରଣ କରିଥିଲେ ଯଦ୍ୱାରା ଲୋକ ମାନେ ଅଲ୍ଲାଃ ତାଲାଙ୍କର ଉପାସନା କରନ୍ତୁ ଏବଂ ତାହାଙ୍କ ଏକେଶ୍ୱରବାଦର ସ୍ୱୀକାର କରନ୍ତୁ ଯେବେକି ଏହା ପୂର୍ବରୁ ସେମାନେ ଅଲ୍ଲାଃ ତାଲାଙ୍କ ବ୍ୟତିତ ବିଭିନ୍ନ ପ୍ରତିମାଗୁଡ଼ିକର ଉପାସନା କରୁଥିଲେ ଏବଂ କହୁଥିଲେ ଯେ, ଏହି ପ୍ରତିମା ଗୁଡ଼ିକ ଅଲ୍ଲାଃ ତାଲାଙ୍କ ଆଗରେ ଆମ ପାଇଁ ସୁପାରିଶ କରିବେ ଯଦ୍ୱାରା ଆମର ମଙ୍ଗଳ ହେବ କିନ୍ତୁ ମୂର୍ତୀଗୁଡ଼ିକ ତ ପଥର ଦ୍ୱାରା ଖୋଦିତ ହୋଇଥିଲା ଏବଂ ଆଉ କିଛି କାଠରେ ନିର୍ମିତ ହୋଇଥିଲା । ପୁନଶ୍ଚ ହଜରତ ଅବୁ ବକର ର:ଅ ଏହି ଆୟତ ପାଠ କଲେ **ଓ୍ୱ ୟାବୁନା ମିନ୍ ଦୁନିଲ୍ଲାହି ମା ଲା ୟଜୁର୍‌ରୁ ହୁମ୍ ଓ୍ୱଲା ୟନ୍‌ଫଉହୁମ୍ ଓ୍ୱ ୟକୁଲୁନା ହାଉଲାଇ ଶୁଫଆଉନା ଇନ୍‌ଦଲ୍ଲାହି (ୟୁନସ୍:୧୯)** ଅର୍ଥାତ ସେମାନେ ଅଲ୍ଲାଃ ତାଲାଙ୍କ ବ୍ୟତିତ ଯାହାଙ୍କର ଉପାସନା କରୁଥିଲେ, ସେମାନେ ତାଙ୍କୁ ନା କୌଣସି କ୍ଷତି ପହଂଚାଇ ପାରିବେ ନା କୌଣସି ଲାଭ ପହଂଚାଇ ପାରିବେ । ସେମାନେ କୁହନ୍ତି ଏହି ପିତୁଳା ଗୁଡ଼ିକ ଅଲ୍ଲାଃ ତାଲାଙ୍କ ସମ୍ମୁଖ୍ୟରେ ଆମମାନଙ୍କ ସୁପାରିଶ କରିବେ । **ମା ନାବୁଦୁହୁମ୍ ଇଲ୍ଲା ଲିୟୁକର୍‌ରିବୁନା ଇଲଲ୍ଲାହି ଜୁଲ୍‌ଫା (ଜୁମର୍:୦୪)** ଅର୍ଥାତ ଆମେମାନେ ଏହି ଅଭିପ୍ରାୟ ରଖିବା ବ୍ୟତିତ ସେମାନଙ୍କର ଉପାସନା କରୁନାହୁଁ । କାରଣ ଏମାନେ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ନିକଟବର୍ତୀ କରାଇ ଉଚ୍ଚ ସ୍ଥାନ ପର୍ଯ୍ୟନ୍ତ ପହଂଚାଇ ଦେବେ । ଆରବମାନଙ୍କ ପକ୍ଷେ ଏହି କଥାଟି ଅତ୍ୟନ୍ତ କଷ୍ଟ ସାଧ ଥିଲା ଯେ, ସେମାନେ ନିଜର ପୂର୍ବପୁରୁଷମାନଙ୍କ ଧର୍ମକୁ ପରିତ୍ୟାଗ କରିଦେବେ । ହଜରତ ଅବୁ ବକର୍ ର:ଅ କହିଲେ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କ ସମ୍ପ୍ରଦାୟରୁ ହିଁ ପ୍ରାଥମିକ ପ୍ରବାସକାରୀମାନଙ୍କୁ ଯେଉଁମାନେ ରସୁଲେ୍ କରିମ ସ:ଆ:ସଙ୍କ ପୃଷ୍ଟି କଲେ ଆପଣ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଲେ ଆପଣଙ୍କର ଦୁଃଖ ଲାଘବ କଲେ ତଥା ହଜୁର ସ:ଆ:ସଙ୍କ ପ୍ରତି ତାଙ୍କର ସମ୍ପ୍ରଦାୟ ଦୁଃଖ ଯନ୍ତଣା ପ୍ରଦାନ ସମୟରେ ଅବିଚଳ ଅଟଳ ରହିଲେ । ହଜରତ ଅବୁ ବକର ର:ଅ କହିଲେ ସମସ୍ତ ଲୋକମାନେ ସେତେବେଳେ ତାଙ୍କର ବିରୋଧି ଥିଲେ ଏବଂ ହଜୁର ସ:ଆ:ସଙ୍କ ଉପରେ ଅନ୍ୟାୟ ଅତ୍ୟାଚାରର ବର୍ବର କାଣ୍ଡ ଚାଲିଥିଲା କିନ୍ତୁ ସଂଖ୍ୟା ଲଘୁତା ହେବା ସତ୍ୱେ ସମସ୍ତ ଲୋକମାନଙ୍କର ଅନ୍ୟାୟ ଓ ଅତ୍ୟାଚାର ଓ ନିଜ ଜାତିର ତାଙ୍କ ବିରୁଦ୍ଧରେ ଏକତ୍ରିତ ହେବା ସତ୍ୱେ ମଧ୍ୟ ହଜୁର ସ:ଆ:ସ କେବେ ହେଲେ ବି ଭୟଭୀତ ହୋଇନଥିଲେ । ସେହି ଲୋକମାନେ ହିଁ ପ୍ରଥମ ଥିଲେ ଯିଏ କି ସେହି ଭୁଖଣ୍ଡର ଅଲ୍ଲାଃ ତାଲାଙ୍କର ଉପାସନା କଲେ ଏବଂ ଅଲ୍ଲାଃ ତାଲାଙ୍କର ଓ ତାହାଙ୍କ ବାର୍ତାବହଙ୍କ ଉପରେ ବିଶ୍ୱାସ ଆଣିଲେ ଓ ସେମାନେ ହଜୁର ସ:ଆ:ସଙ୍କର ବନ୍ଧୁ ଓ ବଂଶଜ ଥିଲେ ତେଣୁ ହଜୁର ସ:ଆ:ସଙ୍କ ପରେ ସେହି ଲୋକମାନେ ଉକ୍ତ ମର୍ଯ୍ୟାଦାର ପ୍ରକୃତ ଅଧିକାରୀ ଥିଲେ ତଥା ପ୍ରକୃତ ଅଧିକାରୀ ଅଟନ୍ତି । ଏହି ପ୍ରସଙ୍ଗରେ ଅତ୍ୟାଚାରୀ ବ୍ୟତିତ ଅନ୍ୟ କେହି ବି ତାଙ୍କ ସହିତ କଳହ କରିବ ନାହିଁ । ହେ ଅନ୍‌ସାର୍ ଗୋଷ୍ଠୀ ! ତୁମେମାନେ ହେଉଛ ଏପରି ଲୋକେ ଯେଉଁମାନେ ଧର୍ମ ମାର୍ଗରେ ଆଗୁଆ ତଥା ଇସ୍‌ଲାମ୍ ଧର୍ମରେ ସର୍ବପ୍ରଥମେ ଆଗେଇ ଯିବା ପ୍ରସଙ୍ଗରେ ଆଗରେ ଥିବା କଥାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ । ଅଲ୍ଲାଃ ତାଲାଙ୍କର ଧର୍ମ ଓ ତାହାଙ୍କ ବାର୍ତାବହଙ୍କର ସହାୟକ ହେବା ଯୋଗୁଁ ଅଲ୍ଲାଃ ତାଲା ତୁମମାନଙ୍କ ଉପରେ ପ୍ରସନ୍ନିତ ଏବଂ ଅଲ୍ଲାଃ ତାଲାଙ୍କ ରସୁଲ୍ ସ:ଆ:ସଙ୍କ ହିଜ୍‌ରତ୍ ମଧ୍ୟ ତୁମମାନଙ୍କ ଆଡ଼କୁ ହୋଇଥିଲା । ହଜୁର ସ:ଆ:ସଙ୍କର ଅନେକ ପତ୍ନୀ ଓ ସାହାବାଗଣ ତୁମମାନଙ୍କ ଘରେ ରହି ଆସୁଛନ୍ତି । ତେଣୁ ପ୍ରାଥମିକ ମୁହାଜିର୍ ଅର୍ଥାତ ପ୍ରାଥମିକ ପ୍ରବାସକାରୀଙ୍କ ପରେ ଆମ ଦୃଷ୍ଟିରେ ତୁମମାନଙ୍କ ପରି ପଦମର୍ଯ୍ୟାଦା ସମ୍ପନ୍ନ ଲୋକେ ଆଉ କେହି ନାହାନ୍ତି ।

ତେଣୁ ଅମୀର ଆମମାନଙ୍କ ମଧ୍ୟରୁ ହେବେ ଓ ମନ୍ତ୍ରୀ ତୁମମାନଙ୍କ ମଧ୍ୟରୁ ହେବେ । ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ତୁମମାନଙ୍କ ଠାରୁ ପରାମର୍ଶ ନିଆଯିବ । ଏପରିକି ଆମେ ତୁମମାନଙ୍କ ଅନୁପସ୍ଥିତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତି ଦେବୁ ନାହିଁ । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୪୨,୨୪୩..... ବେରୁତ ୧୯୮୭)*

ହଜରତ ଅବୁ ବକର ର:ଅ ସକିଫା ବନୁ ସାଆଦାଃଠାରେ ଯେଉଁ ଭାଷଣ ଦେଇଥିଲେ ଶିରତ୍ ହଲ୍‌ବିୟାରେ ତାହାର ଚର୍ଚ୍ଚା ଏହିପରି ଭାବରେ ରହିଛି । ହଜରତ ଅବୁ ବକର ର:ଅ କହିଲେ ଖିଲାଫତ୍‌ର ଯେଉଁଠି ପ୍ରସଙ୍ଗ ରହିଛି ଆରବର ଲୋକମାନେ କୁରୈଶ୍ କବିଲାକୁ ବାଦ୍ ଦେଲେ ଆଉ କୌଣସି କବିଲାର ଲୋକଙ୍କୁଗ୍ରହଣ କରିବେ ନାହିଁ । ମକ୍କାର କୁରୈଶିୟ ବଂଶମାନେ ନିଜର ବଂଶ ବୈଭବ ଓ ନିଜର ମାତୃଭୁମି ମକ୍କା ଦୃଷ୍ଟିରୁ ଅନ୍ୟମାନଙ୍କଠାରୁ ସର୍ବୋତମ ଅଟନ୍ତି । ଆମେମାନେ ବଂଶ ପରମ୍ପରାକୁ ରକ୍ଷା କରି ସମଗ୍ର ଆରବ ବାସୀଙ୍କ ସହିତ ଜଡ଼ିତ । କାରଣ ଏଭଳି କୌଣସି କବିଲା ନାହିଁ ଯାହାକୁ କୌଣସି ନା କୌଣସି ପ୍ରକାରେ କୁରୈଶ୍‌ମାନଙ୍କ ସହିତ ସମ୍ପର୍କ ନଥିବ । ଆମେ ପ୍ରବାସକାରୀମାନେ ହେଉଛନ୍ତି ସେହିମାନେ ଯେଉଁମାନେ ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ଆମେମାନେ ହିଁ ହଜୁର ସ:ଆ:ସଙ୍କ ସମ୍ପର୍କୀୟ ଓ ତାଙ୍କ ବଂଶଧର । ଆମେମାନେ ଅବତାରଙ୍କ ପରିବାର ହୋଇଥିବା ଯୋଗୁଁ ଖିଲାଫତ୍‌ର ଅଧିକାରୀ ।

ଉପରୋକ୍ତ ସମସ୍ତ ଘଟଣାବଳୀର ଚର୍ଚ୍ଚା କରି ଇମାମ୍ ଅହେମଦ୍ ବିନ୍ ହମ୍ବଲ ନିଜର ମୁସ୍‌ନଦ୍ ରେ ଏକଥା ଉଲ୍ଲେଖ କରିଛନ୍ତି ଯେ ହଜରତ ଅବୁ ବକର ର:ଅଙ୍କ ଚରିତ୍ର ଓ ଭୂମିକା କଣ ଥିଲା । ହଜରତ ଅବୁ ବକର ର:ଅ ଓ ହଜୁର ସ:ଆ:ସଙ୍କ ବିୟୋଗ ଅନ୍ତେ ଆପଣ ର:ଅ ମୁସଲମାନମାନଙ୍କୁ ଭାଷଣ ଦେଇଥିଲେ ତଥା ଯେଉଁ ଘୋଷଣା କରିଥିଲେ ତାହାର ପୁନଶ୍ଚ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ର:ଅ ହଜୁର ସ:ଆ:ସଙ୍କ ବିୟୋଗର ଘୋଷଣା ପରେ ଭାଷଣ ଦେଇଥିଲେ ତଥା ହଜରତ ଅବୁ ବକର ର:ଅ ହଜରତ ଉମର ର:ଅଙ୍କ ସହିତ ଯଥାଶିଘ୍ର ସକିଫା ବନୁ ସାଆଦାଃ ଅଭିମୁଖେ ପ୍ରସ୍ଥାନ କରିଥିଲେ । ଯେତେବେଳେ ସେମାନେ ସେଠାରେ ପହଂଚିଲେ, ସେତେବେଳେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ନିଶ୍ଚିତ ରୁପେ ଅଲ୍ଲାଃ ତାଲା ତୁମ ମଧ୍ୟରେ ଏମିତି ଜିନିଷ ରଖିଦେଇଛନ୍ତି ଯାହା ଯୋଗେ ସେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ମାର୍ଗଦର୍ଶନ କରିଛନ୍ତି ଓ ଯଦି ତୁମେ ତାକୁ ମଜଭୁତ ଭାବରେ ଧରିରଖିବ ତାହେଲେ ଅଲ୍ଲାଃ ତାଲା ତୁମର ବି ମାର୍ଗଦର୍ଶନ କରାଇବେ ଯେମିତି ସେ ଆଁ ହଜରତ୍ ସ ଆ ସ ଙ୍କୁ ମାର୍ଗଦର୍ଶନ କରିଛନ୍ତି (ହଜରତ୍ ଉମର୍ ର ଅ)**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଙ୍କ ଖିଲାଫତ୍ ଯୁଗଟି ବାକି ଖୋଲଫାଆ ରାଶେଦୀନ୍ (ଅର୍ଥାତ ଈଶ୍ୱର ଙ୍କ ତରଫରୁ ସଠିକ୍ ମାର୍ଗଦର୍ଶିତ ଖଲିଫାଗଣ)ଙ୍କ ଯୁଗ ଅପେକ୍ଷା ସ୍ୱଳ୍ପ ସମୟ ଥିଲା । ତାହା ପ୍ରାୟ ଦୁଇ ବର୍ଷ ତିନିମାସ ମଧ୍ୟରେ ସୀମିତ ଥିଲା । କିନ୍ତୁ ଏହି ସଂକ୍ଷିପ୍ତ ସମୟଭିତିକ ଯୁଗଟି ଖିଲାଫତ୍ ରାଶେଦାଃର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଏକ ସ୍ୱର୍ଣ୍ଣିମ ଯୁଗ ବୋଲାଇବା ପାଇଁ ଉଚିତ ମଣାଯିବ । କାରଣ ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଙ୍କୁ ସମସ୍ତଙ୍କ ଅପେକ୍ଷା ଅଧିକ ବିପଦ ଓ ସଂକଟପୂର୍ଣ୍ଣ ସମୟର ସମ୍ମୁଖିନ ହେବାକୁ ପଡିଥିଲା । ପୁଣି ଅଲ୍ଲାଃ ତାଲାଙ୍କ ଅସାଧାରଣ ସାହାଯ୍ୟ ଓ ସମର୍ଥନ ତଥା କୃପା ଯୋଗୁଁ ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଙ୍କ ଅସୀମ ସାହସ ତଥ ଉତମ ବୁଝାମଣା ଯୋଗୁଁ ଅଳ୍ପ ସମୟ ମଧ୍ୟରେ ହିଁ ସମସ୍ତ ବିପଦ ଓ ସଂକଟପୂର୍ଣ୍ଣ ବାଦଲ୍ ଅପସରି ଗଲା ଏବଂ ସମସ୍ତ ଭୟ ଓ ଆତଙ୍କ ଶାନ୍ତି ଓ ସ୍ଥିରତାରେ ପରିବର୍ତନ ହୋଇଗଲା । ବିଦ୍ରୋହୀ ତଥା ଖଳମାନଙ୍କୁ ଏପରି ଦମନ କରାଗଲା ଯେ ଖିଲାଫତ୍ ର ଦୋଳାୟମାନ ଅଟ୍ଟାଳିକାଟି ପୁଣି ସୁଦୃଢ ତଥା ସ୍ଥିର ମୁଳଦୁଆ ଉପରେ ସ୍ଥାପନ ହୋଇଗଲା ।**

**ପୃଥିବୀରେ ଏବେ ଯେଉଁ ଅନିଶ୍ଚିତତା ତଥା ପରମାଣୁ ଯୁଦ୍ଧର ଭୟାବହତା ଦେଖାଦେଇଛି ତାକୁ ଆଖି ଆଗରେ ରଖି ଦରୁଦ୍ ଶରିଫ୍ ପାଠକରିବା ପାଇଁ , ଇସ୍ତେଗଫାର୍ କରିବାପାଇଁ ଏବଂ ଦୁଆ କରିବା ନିମନ୍ତେ ଆହ୍ୱାନ୍ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୦୪ ମାର୍ଚ୍ଚ ୨୦୨୨ ଅନୁଯାୟୀ ୦୪ ଅମାନ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ:- ହଜରତ ଅବୁବକର ର.ଅ ଙ୍କ ଖଲିଫା ନିର୍ବାଚିତ ହେବା ସମ୍ବନ୍ଧରେ ଯେଉଁ ଚର୍ଚ୍ଚା ଚାଲିଥିଲା ସେ ସମ୍ବନ୍ଧରେ ତିବରୀ ଇତିହାସରେ ଉଲ୍ଲେଖ ରହିଛି ଯେ ସେ ଅବସରରେ ହଜରତ୍ ହୁବାବ୍ ବିନ୍ ମୁନଜିର୍ ଛିଡା ହେଲେ ଏବଂ କହିଲେ ହେ ଅନସାରମାନଙ୍କ ଦଳ ! ତୁମେମାନେ ଏ ମାମଲାର ଅକ୍ତିଆର୍ ନିଜ ହାତରେ ରଖ । କାରଣ ଏହି ଲୋକମାନେ ଏବେ ତୁମମାନଙ୍କ ଛତ୍ରଛାୟାରେ ଅଛନ୍ତି । ଅର୍ଥାତ ମୁହାଜିର୍ ମାନେ । କାହାକୁ ବି ତୁମର ବିରୋଧ କରିବାକୁ ସାହସ ହେବ ନାହିଁ ସେହିଭଳି ଲୋକମାନେ ବି ତୁମ ରାୟ ଖିଲାଫରେ ଯିବେ ନାହିଁ । ତୁମାମାନେ ହେଉଛ ସମ୍ମାନୀୟ , ବିତଶାଳୀ , ପ୍ରଚୁର ସଂଖ୍ୟକ , ଶକ୍ତି ଓ ଗୌରବଶାଳୀ , ଅଭିଜ୍ଞ , ଯୋଦ୍ଧା , ସାହସୀ ଏବଂ ନିର୍ଭୀକ । ଲୋକମାନେ ତୁମମାନଙ୍କୁ ଆଡକୁ ଚାହିଁ ବସିଛନ୍ତି ଯେ ତୁମେମାନେ କଣ କରୁଅଛ । ଏବେ ତୁମେମାନେ କୌଣସି ମତଭେଦ କର ନାହିଁ ଅନ୍ୟଥା ତୁମମାନଙ୍କ ରାୟ ତୁମମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଦେବ ଓ ତୁମମାନଙ୍କ ମାମଲା ତୁମମାନଙ୍କ ଉପରେ ହିଁ ଓଲଟିଯିବ । ଅତେବ ଯଦି ଏହି ଲୋକମାନେ ଏକଥାକୁ ଅସ୍ୱୀକାର କରନ୍ତି ଅର୍ଥାତ ମହାଜିର କୁରୈଶୀମାନେ ଏକଥାକୁ ନମାନନ୍ତି ଯାହା ତୁମେମାନେ ଏବେ ଶୁଣିସାରିଛନ୍ତି , ତାହେଲେ ଆମମାନଙ୍କ ମଧ୍ୟରୁ ଜଣେ ଅମୀର୍ (ଅର୍ଥାତ ଧାର୍ମିକ ନେତା)ହେବେ ଏବଂ ଆଉଜଣେ ଅମୀର୍ ଏମାନଙ୍କ ମଧ୍ୟରୁ । ଏଥିରେ ହଜରତ୍ ଉମର୍ ର ଅ କହିଲେ :- ଏହା ଅସମ୍ଭବ । ଦୁଇଟି ତରବାରୀ ଗୋଟିଏ ଖୋଳ ମଧ୍ୟରେ ରହିପାରିବେ ନାହିଁ । ଅଲ୍ଲାଃଙ୍କ ରାଣ ! ତୁମକୁ ଅମୀର ବନାଯାଉ ଏକଥା ଆରବୀୟମାନେ କଦାପି ମାନିବେ ନାହିଁ । ଯେବେକି ସେମାନଙ୍କ ନବି ତୁମମାନଙ୍କ ଠରୁ ଭିନ୍ନ ଏକ କବିଲାର ଅଟନ୍ତି । ଅବଶ୍ୟ ଆରବୀୟମାନଙ୍କୁ ଏକଥା ସ୍ୱୀକାର କରିବାରେ କୌଣସି ଆପତି ହେବନାହିଁ ଯେ ସେମାନଙ୍କ ମାମଲା ସେମାନଙ୍କଠାରେ ହିଁ ନ୍ୟସ୍ତ କରିଦିଆଯାଉ , ଯାହା ମଧ୍ୟରେ ନବୁଓ୍ୱତ ବି ରହିଛି । ସେମାନଙ୍କ ଅମୀର ସେମାନଙ୍କ ମଧ୍ୟରୁ ହିଁ ନିର୍ବାଚିତ ହେବା ଉଚିତ୍ । ଏପରି ପରିସ୍ଥିତିରେ ଯଦି ଆରବୀୟମାନଙ୍କ ମଧ୍ୟରୁ କୌଣସି ଲୋକ ଏପରି ନେତୃତ୍ୱକୁ ପ୍ରତ୍ୟାଖାନ କରେ ତାହେଲେ ଆମମାନଙ୍କ ନିକଟରେ ତାକଥାକୁ କାଟିବା ପାଇଁ ଯୁକ୍ତି ଯୁକ୍ତ ଅଧିକାର ରହିବ । ମୁହମ୍ମଦ ସ ଆ ସ ଙ୍କ ହୁକୁମତ୍ ତଥା ନେତୃତ୍ୱ ସମ୍ବନ୍ଧରେ କିଏ ବା ଆମର ବିରୋଧ କରିବ ? ଆମେମାନେ ହିଁ ଆପଣ ସ ଆ ସ ଙ୍କ ବନ୍ଧୁ ଓ କୁଟୁମ୍ବର ଲୋକେ । ମହାଭାଗ ସ ଆ ସ ଙ୍କ ବିରୋଧ କେବଳ ମୂର୍ଖ,ପାଷାଣ୍ଡ,ପାପୀ ତଥା ନିଜକୁ ଧ୍ୱଂସମୁହଁରେ ପକାଇବାକୁ ଚାହୁଁଥିବା ଲୋକମାନଙ୍କ ବ୍ୟତୀତ ଆଉ କିଏ କରିବେ ନାହିଁ । ଏଥିରେ ହୁବାବ୍ ବିନ୍ ମୁନଜିର୍ ର ଅ କହିଲେ ହେ ଅନସାର୍ ମାନଙ୍କ ଦଳ ! ତୁମେମାନେ ଏହି ମାମଲାର ସମାଧାନ ନିଜେ କର । କଦାପି ଏ ଲୋକର ତଥା ତା ସାଥିମାନଙ୍କ କଥାରେ ସହମତ ହୁଅ ନାହିଁ । ଏମାନେ ତୁମମାନଙ୍କ ଭାଗ ବୁଡାଇଦେବାକୁ ଚାହୁଁଛନ୍ତି । ଯଦି ଏମାନେ ଆମମାନଙ୍କ ପ୍ରସ୍ତାବକୁ ନମାନନ୍ତି ତାହେଲେ ସେମାନଙ୍କୁ ତୁମ ଇଲାକାରୁ ବାହାର କରିଦିଅ ଏବଂ ସମସ୍ତ ବିଷୟକୁ ନିଜ ନିୟନ୍ତ୍ରଣରେ ରଖ । କାରଣ ଅଲ୍ଲାଃଙ୍କ ରାଣ ! ତୁମେମାନେ ହିଁ ଏହି ନେତୃତ୍ୱ ପାଇଁ ଯେଗ୍ୟ ତଥା ହକଦାର୍ । ତୁମମାନଙ୍କ ତରବାରୀ ହିଁ ସମସ୍ତ ଲୋକମାନଙ୍କୁ ଏହି ଧର୍ମରେ ଦିକ୍ଷିତ କରାଇଛି । ଅନ୍ୟଥା ଏହି ଲୋକମାନେ କେବେ ବି ଏହି ଧର୍ମରେ ଦିକ୍ଷିତ ହୋଇନଥାନ୍ତେ । ତେଣୁ ମୁଁ ଏହି ସମସ୍ତ ବିଷୟକୁ ସମାଧାନ କରିବାର ଦାୟିତ୍ୱଭାର ବହନ କରୁଅଛି । କାରଣ ମୁଁ ଏହାର ପୂର୍ଣ୍ଣ ଅଭିଜ୍ଞତା ରଖିଅଛି ଓ ଏଥିପାଇଁ ଦକ୍ଷ ତଥା ଯୋଗ୍ୟ ବ୍ୟକ୍ତି । ଈଶ୍ୱରଙ୍କ ରାଣ ! ଯଦି ତୁମେମାନେ ଚାହୁଁଅଛ ତାହେଲେ ମୁଁ କାଟି ଛାଟିକି ଏହାର ନିଷ୍ପତି କରିଦେଉଛି । ଏଥିରେ ହଜରତ୍ ଉମର୍ ର ଅ କହିଲେ :- ଯଦି ତୁମେ ଏପରି କରିବ ତାହେଲେ ଅଲ୍ଲାଃ ତୁମର ସର୍ବନାଶ କରିବେ । ଏଥିରେ ହୁବାବ୍ ବିନ୍ ମୁନଜିର୍ ର ଅ କହିଲେ ତୁମମାନଙ୍କର ହିଁ ବିନାଶ ହେବ । ହଜରତ୍ ଅବୁ ଉବୈଦାଃ ର ଅ ଏହି ଅବସରରେ କହିଲେ :- ହେ ଅନସାରମାନଙ୍କ ଦଳ ! ତୁମେମାନେ ହିଁ ଧର୍ମକୁ ସାହାଯ୍ୟ ସହଯେଗ କରିବାରେ ଆଗରେ ଥିଲ । ଏପରି ନହେଉ କି ତୁମେମାନେ ହିଁ ସର୍ବପ୍ରଥମେ ଏହି ଧର୍ମକୁ ପରିବର୍ତନ କରିବାରେ ମାତିଯାଅ । ଏଥିରେ ବଶୀର୍ ବିନ୍ ସାଆଦ୍ କହିଲେ :- ହେ ଅନସାରମାନଙ୍କ ଦଳ ! ମୁଶରିକ (ଅର୍ଥାତ ଅନେକେଶ୍ୱରବାଦୀ) ମାନଙ୍କ ସହିତ ଲଢିବା ତଥା ଇସଲାମର ପ୍ରାଥମିକ ପ୍ରଯ୍ୟାୟରେ ଇସଲାମର ସେବାକରିବାର ସୌଭାଗ୍ୟ ଯାହା ଆମମାନଙ୍କୁ ହିଁ ମିଳିଅଛି ,ତାହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଆମ ପ୍ରଭୂଙ୍କ ସାନ୍ନିଧ୍ୟ ଲାଭ କରିବା ତଥା ଆମ ନବି ସ ଆ ସ ଙ୍କ ଆଜ୍ଞା ପାଳନ କରିବା । ଆମପାଇଁ ଏହାର ଆବଶ୍ୟକ ନାହିଁ କି ଅମେ ଅନ୍ୟମାନଙ୍କ ଉପରେ ଆମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଓ ସେଥିପାଇଁ ଆମେମାନେ କୌଣସି ପ୍ରକାରର ସାଂସାରିକ ଲାଭ ମଧ୍ୟ ଚାହୁଁନାହୁଁ । ଆମମାନଙ୍କ ଉପରେ ଅଲ୍ଲାଃଙ୍କର ଏହା କେବଳ ଏକ ଅନୁଗ୍ରହ । ଏକଥାକୁ ଶୁଣିରଖ ଯେ ମୁହମ୍ମଦ୍ ସ ଆ ସ ଅବଶ୍ୟ କୁରୈଶ ମାନଙ୍କ ମଧ୍ୟରୁ ଥିଲେ ତେଣୁ ତାଙ୍କ କୌମ୍ ଏହି ଇମାରତ୍ (ନେତୃତ୍ୱ) ର ଅଧିକ ଯୋଗ୍ୟ ଓ ଅଧିକାରୀ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଅଛି ଯେ ମୁଁ ଏ ମାମଲାରେ ସେମାନଙ୍କ ସହିତ କୌଣସି ବିବାଦ କରିବି ନାହିଁ । ଅଲ୍ଲାଃଙ୍କୁ ଡର , ସେମାନଙ୍କ ବିରୋଧ କରନାହିଁ କି ସେମାନଙ୍କ ସହିତ ମତଭେଦ ରଖନାହିଁ । (ତାରିଖୁଲ୍ ତିବରୀ ,ଖ-୨, ପୃ-୨୪୩, ଦାରୁଲ କୁତୁବୁଲ୍ ଅଲମିୟା ବେରୁତ୍ ,ଲେବନାନ୍ ୧୯୮୭)

ସେ ଯାହା ହେଉ ନା କାହିଁକି ହଜରତ୍ ଉମର ର ଅ ଯେଉଁ ଭାଷଣ ଦେଇଥିଲେ ତାହାର

ବର୍ଣ୍ଣନା ଆଉ ଗୋଟିଏ ସ୍ଥାନରେ ସୁନନେ କୁବରା ଲିନନସାଈ ରେ ଏପରି ଲିପିବଦ୍ଧ ହୋଇଅଛି ଯେ ଯେତେବେଳେ ଅନସାର୍ ମାନେ ବନୁ ସାଆଦାର ପ୍ରାଙ୍ଗଣରେ ଏକଥା କହିଲେ ଯେ ଜଣେ ଅମୀର ଆମମାନଙ୍କ ମଧ୍ୟରୁ ହେବେ ଓ ଆଉଜଣେ ଅମୀର ତୁମମାନଙ୍କ ମଧ୍ୟରୁ । ଏଥିରେ ହଜରତ୍ ଉମର୍ ର ଅ କହିଲେ, ଯେମିତିକି ପୂର୍ବରୁ ଏବିଷୟରେ ଆଲୋଚନା ସରିଛି କି , ଗୋଟିଏ ଖୋଳ ଭିତରେ ଦୁଇ ଦୁଇଟି ତରବାରୀ ରହିପାରିବ ନାହିଁ ସେହିଭଳି ତାହା ଠିକ୍ ହେବନାହିଁ । ପୁଣି ହଜରତ୍ ଉମର୍ ର ଅ ହଜରତ୍ ଅବୁବକର୍ ର ଅ ଙ୍କ ହାତ ଧରି ନିବେଦନ କଲେ ଯେ:- କିଏ ଏହି ତିନୋଟି ଗୁଣର ଅଧିକାରୀ ଅଛି । ଇଜ୍ ୟକୁଲୁ ଲିସାହିବିହି ଲା ତହଜନ୍ ଇନ୍ନଲ୍ଲାହା ମାଆନା (ସୁରଃ ତୌବାଃ:୪୦)ଅର୍ଥାତ ରସୁଲୁଲ୍ଲାଃ ସ ଆ ସ ନିଜ ସାଥିଙ୍କୁ କହୁଥିଲେ ତୁମେ ଦୁଃଖ କରନାହିଁ । ନିଶ୍ଚିତରୂପେ ଅଲ୍ଲାଃ ଆମ୍ଭ ସହିତ ଅଛନ୍ତି । ତାଙ୍କର ସାଥି କିଏ ଥିଲେ ? ପୁଣି କହିଲେ ଯେ ଇଜହୁମା ଫିଲ୍ ଗାର୍(ସୁରଃ ତୌବାଃ:୪୦)ଅର୍ଥାତ ଯେବେ ସେ ଦୁଇଜଣଯାକ ଗୁମ୍ଫା ଭିତରେ ଥିଲେ । ସେହି ଦୁଇଜଣ କିଏ ଥିଲେ ? ପୁଣି ହଜରତ୍ ଉମର୍ ର ଅ କହିଲେ :-ଲା ତହଜନ୍ ଇନ୍ନଲ୍ଲାହା ମାଆନା ଅର୍ଥାତ ଦୁଃଖ କରନାହିଁ । ନିଶ୍ଚିତରୂପେ ଅଲ୍ଲାଃ ଆମ୍ଭ ସହିତ ଅଛନ୍ତି । ରସୁଲୁଲ୍ଲାଃ ସ ଆ ସ ହଜରତ୍ ଅବୁବକର୍ ର ଅ ଙ୍କ ବ୍ୟତୀତ ଆଉ କାହା ସହିତ ଥିଲେ ବା କାହା ସହିତ ଅଛନ୍ତି । ଏକଥା କହିସାରି ହଜରତ୍ ଉମର୍ ର ଅ ହଜରତ୍ ଅବୁ ବକର୍ ଙ୍କ ହାତରେ ବୟତ୍ କରିନେଲେ ,ପୁଣି ଲୋକମାନଙ୍କୁ କହିଲେ ଯେ ତୁମେମାନେ ବି ବୟତ କରିନିଅ । ସୁତରାଂ ଲୋକମାନେ ମଧ୍ୟ ବୟତ କରିନେଲେ । (ସୁନନୁଲ୍ କୁବରା ଲିନନସାଇ ,କିତାବ୍ ଓ୍ୱଫାତୁନ୍ ନବି ସ ଆ ସ ,ହଦିସ୍ ନଂ-୭୧୧୯,ଖ-୪,ପୃ-୨୬୪ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୧)

ହଜରତ୍ ଉମର୍ ର ଅ ଙ୍କ ପରେ ହଜରତ୍ ଅବୁ ଉବୈଦାଃ ବିନ୍ ଜରାହ୍ ର ଅ ଏବଂ ହଜରତ୍ ବଶୀର୍ ବିନ୍ ସାଆଦ୍ ର ଅ ବୟତ୍ କରିଥିଲେ । ଏହିପରି ସମସ୍ତ ଅନସାର୍ ଗଣ ମଧ୍ୟ ହଜରତ୍ ଅବୁ ବକର୍ ଙ୍କ ବୟତ କରିଥିଲେ । (ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ,ଖ-୨,ପୃ-୧୯୩,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୩) (ସିରତୁଲ୍ ହଲବିୟା ,ଖ-୩, ପୃ-୫୦୬ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୨)

ଏହି ବୟତକୁ ଇସଲାମୀୟ ସାହିତ୍ୟରେ ବୟତେ ସକିଫାଃ ତଥା ବୟତେ ଖାସାଃ କୁହାଯାଏ । (ତାରିଖୁଲ୍ ଖୋଲଫାଆ ଅର୍ ରାଶେଦୀନ୍ ,ପୃ-୨୨,୩୬୭ ଦାରୁନ୍ ନଫାଇସ୍ ବେରୁତ୍ ୨୦୧୧)

ଆଉକିଛି ରିଓ୍ୱାୟତରେ ବର୍ଣ୍ଣିତ ଅଛି ଯେ ହଜରତ୍ ସାଆଦ୍ ବିନ୍ ଉବାଦାଃ ହଜରତ୍ ଅବୁ ବକରଙ୍କ ବୟତ କରିନଥିଲେ । ଯେବେକି ଆଉ କିଛି ରିଓ୍ୱାୟତର ଏକଥା ଜଣାପଡୁଛି ଯେ ସେ ମଧ୍ୟ ବାକି ଅନସାରମାନଙ୍କ ସହିତ ମିଶି ବୟତ କରିଥିଲେ । ସୁତରାଂ ତାରିଖେ ତିବରି ରେ ଉଲ୍ଲେଖ ଅଛି ଯେ ସମଗ୍ର କୌମ୍ (ଜାତି) ଟି ଗୋଟିକ ପରେ ଗୋଟିଏ ହଜରତ୍ ଅବୁ ବକରଙ୍କ ବୟତ କରିଥିଲେ ଓ ହଜରତ୍ ସାଆଦ୍ ବିନ୍ ଉବାଦାଃ ମଧ୍ୟ ବୟତ କରିଥିଲେ । (ତାରିଖେ ତିବରୀ,ଖ-୩,ପୃ-୨୬୬ ଦାରୁଲ୍ ଫିକ୍ର ବେରୁତ୍ ୨୦୦୨)

ଆଁହଜରତ୍ ସ ଆ ସ ଙ୍କ ପରେ ଖିଲାଫତ୍ ବିଷୟରେ ଉଲ୍ଲେଖ କରି ହଜରତ୍ ମୁସଲେହ୍ ମଉଦ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ''ଦେଖିନିଅ ମୁହମ୍ମଦ୍ ସ ଆ ସ ଙ୍କ ପରେ ଖିଲାଫତ୍ କିପରି ପ୍ରତିଷ୍ଠା ହେଲା ଓ ତାହା କେଡେ ସୁନ୍ଦର ଭାବରେ ଅନୁଷ୍ଠିତ ହେଲା । ତାଙ୍କ ଦେହାନ୍ତ ପରେ ହଜରତ୍ ଅବୁ ବକର୍ ର ଅ ଖଲିଫା ହେଲେ । ସେତେବେଳେ ଅନସାରମାନେ ଚାହିଁଥିଲେ ଯେ ସେମାନଙ୍କ ମଧ୍ୟରୁ ଜଣେ ଖଲିଫା ହୁଅନ୍ତୁ ଓ ଆଉଜଣେ ଖଲିଫା ମୁହାଜିର୍ ମାନଙ୍କ ମଧ୍ୟରୁ ହୁଅନ୍ତୁ । ଏକଥା ଶୁଣିବା ମାତ୍ରେ ହଜରତ୍ ଅବୁ ବକର୍ ର ଅ ,ହଜରତ୍ ଉମର୍ ର ଅ ଏବଂ ଆଉକିଛି ସାହାବା ତତ୍କ୍ଷଣାତ୍ ସେହି ସ୍ଥାନକୁ ଗଲେ ଯେଉଁ ସ୍ଥାନରେ ଅନସାରମାନେ ଏକତ୍ରୀତ ହୋଇଥିଲେ ଓ ସେମାନଙ୍କୁ ଯାଇ ବତାଇଲେ ଯେ ଦେଖନ୍ତୁ! ଦୁଇ ଦୁଇଜଣ ଖଲିଫା ହେବା ଭୂଲ୍ । ବିଭାଜନ ଦ୍ୱାରା ଇସଲାମର ଅଗ୍ରଗତି ହୋଇପାରିବ ନାହିଁ । କେବଳ ଜଣେ ଖଲିଫା ହେବେ । ଯଦି ତୁମେମାନେ ମତପର୍ଥକ୍ୟ ଓ ବିଭାଜନ କରିବ ତାହେଲେ ବଶୃଙ୍ଖଳା ସୃଷ୍ଟି ହେବ ଓ ତୁମମାନଙ୍କର ସମ୍ମାନ ହଜିଯିବ ଫଳତଃ ଆରବମାନେ ତୁମକୁ ଅଲଗା କରିଦେବେ । ତୁମେ ଏପରି କାମ କର ନାହିଁ । କିଛି ଅନସାର ତାଙ୍କୁ କିଛି ଯୁକ୍ତି ଉପସ୍ଥାପନ କରିବାକୁ ଲାଗିଲେ । ହଜରତ୍ ଉମର୍ ର ଅ ବର୍ଣ୍ଣନା କରିଛନ୍ତି ଯେ :-ମୁଁ ଚିନ୍ତାକଲି ଯେ ହଜରତ୍ ଅବୁ ବକର୍ ର ଅଙ୍କୁ ତ ଭଲଭାବରେ କହିବା ଜଣା ନାହିଁ ତେଣୁ ମୁଁ ଅନସାରମାନଙ୍କ ସହିତ କଥା ହେବା ଉଚିତ୍ । କିନ୍ତୁ ଯେବେ ହଜରତ୍ ଅବୁ ବକର୍ ର ଅ ଭାଷଣ ଦେବା ଆରମ୍ଭ କଲେ,ସେତେବେଳେ ସେ ସେହି ସମସ୍ତ ପଏଂଟ (କଥା)ଗୁଡିକୁ ଉପସ୍ଥାପନ କଲେ ଯାହା ମୋ ମନଭିତରେ ଥିଲା ।'' ହଜରତ୍ ଉମର ର ଅ କହୁଛନ୍ତି ଯେ ଯାହା ମୋ ମନଭିତରେ ଥିଲା ''ଓ ପୁଣି ତାଠାରୁ ଅଧିକା ଯୁକ୍ତିସମ୍ପନ୍ନ ବକ୍ତବ୍ୟ ପ୍ରଦାନ କଲେ । '' ପୁଣି ସେ କହୁଛନ୍ତି ଯେ ''ମୁଁ ଏହା ଦେଖି ମୋ ମନେ ମନେ ଏହା କହିଲି ଯେ ଆଜି ଏ ବୁଢା ମୋଠାରୁ ଆଗକୁ ବଳିଗଲା । ଶେଷରେ ଅଲ୍ଲାଃ ତାଲାଙ୍କର ଏପରି କୃପା ହେଲା ଯେ ଖୁଦ ଅନସାରମାନଙ୍କ ମଧ୍ୟରୁ କିଛି ଲୋକେ ଛିଡା ହୋଇଗଲେ ଏବଂ କହିଲେ ଯେ ହଜରତ୍ ଅବୁ ବକର୍ ଯାହା କିଛି କହୁଛନ୍ତି ତାହା ଠିକ୍ । ମକ୍କାବାସୀଙ୍କ ବ୍ୟତୀତ ଆରବୀୟମାନେ ଆଉ କାହା କଥା ମାନିବେ ନାହିଁ କି କାହାର ଆଜ୍ଞାବହତା ସ୍ୱୀକାର କରିବେ ନାହିଁ । ପୁଣି ଜଣେ ଅନସାର ଛିଡା ହେଲେ ଓ ଭାବବିହୋଳ ହୋଇ କହିଲେ ହେ ମୋର କୌମ୍ ! ଅଲ୍ଲାଃ ତାଲା ଏ ଦେଶରେ ନିଜର ଜଣେ ରସୁଲଙ୍କୁ ପ୍ରେରଣ କରଛନ୍ତି । ତାହାଙ୍କ ସମ୍ପର୍କୀୟମାନେ ତାଙ୍କୁ ତାହାଙ୍କ ସହରରୁ ବାହାର କରିଦେଲେ । କିନ୍ତୁ ଆମେମାନେ ତାଙ୍କୁ ନିଜ ଘରେ ରହିବାକୁ ଦେଲେ ଫଳତଃ ଖୁଦାତାଲା ଆମମାନଙ୍କୁ ମାନ ସମ୍ମାନ ଦେଲେ । ଆମେ ମଦିନାବାସୀ ଅପରିଚିତ ଥିଲେ ଓ ନିମ୍ନମାନର ଥିଲେ କିନ୍ତୁ ଏହି ରସୁଲ୍ଙ୍କ ଯୋଗୁଁ ଆମେମାନେ ସମ୍ମାନୀୟ ତଥା ପ୍ରଶିଦ୍ଧ ହୋଇଗଲେ । ଏବେ ତୁମେମାନେ ଏହି ଜିନିଷକୁ ଯିଏ ଆମକୁ ପ୍ରଶିଦ୍ଧି ଦେଇଛି ଯଥେଷ୍ଟ ମଣ । ଆଉ ଅଧିକା ଲୋଭ କରନାହିଁ । ଏମିତି ନହେଉ କି ଆମକୁ ଏଥିସକାଶେ କୌଣସି କ୍ଷତି ପହଁଚୁ । ସେତେବେଳେ ହଜରତ୍ ଅବୁ ବକର ର ଅ କହିଲେ ଦେଖନ୍ତୁ ! ଖିଲାଫତ୍କୁ କାଏମ୍ (ସ୍ଥାପନ)କରିବା ଅତ୍ୟନ୍ତ ଜରୁରୀ । ବାକି ତୁମେମାନେ ଯାହାକୁ ଚାହୁଁଛ ତାଙ୍କୁ ଖଲିଫା ବନାଅ ମତେ ଖଲିଫା ହେବାପାଇଁ କୌଣସି ଇଛା ନାହିଁ । ପୁଣି ଆପଣ ର ଅ କହିଲେ :- ଇଏ ଅବୁ ଉବୈଦାଃ ବିନ୍ ଜର୍ରାହ୍ ର ଅ ଅଛନ୍ତି । ଆଙ୍କୁ ରସୁଲୁଲ୍ଲାଃ ସ ଆ ସ ଅମୀନୁଲ୍ ଉମ୍ମତ୍ (ଅର୍ଥାତ୍ ଏ ସମ୍ପ୍ରଦାୟର ଅଭିଭାବକ) ଭାବରେ ଅଭିହିତ କରିଛନ୍ତି । ତେଣୁ ତୁମେ ତାଙ୍କର ବୟତ୍ କରିନିଅ । ପୁଣି ଉମର୍ ଅଛନ୍ତି ସେ ମଧ୍ୟ ଇସଲାମ୍ ପାଇଁ ଜଣେ ଉନ୍ମୁକ୍ତ ତରବାରୀ ସଦୃଶ ତେଣୁ ତୁମେମାନେ ତାଙ୍କର ବୟତ କରିନିଅ । ଏଥିରେ ହଜରତ୍ ଉମର୍ ର ଅ କହିଲେ :- ହେ ଅବୁ ବକର୍ ! ଏବେ ଆପଣ କଥା ଶେଷ କରନ୍ତୁ ,ଆପଣ ନିଜ ହାତ ଆଗକୁ ବଢାନ୍ତୁ ଓ ଆମମାନଙ୍କର ବୟତ ଗ୍ରହଣ କରନ୍ତୁ । ହଜରତ୍ ଅବୁ ବକର୍ ର ଅ ଙ୍କ ହୃଦୁୟରେ ଅଲ୍ଲାଃ ତାଲା ସେତେବେଳେ ସାହସ ସୃଷ୍ଟି କରିଦେଲେ ଓ ଆପଣ ର ଅ ବୟତ୍ ନେଇନେଲେ । '' (ମଜଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ମର୍କଜିୟା କେ ସାଲାନା ଇଜତିମା ୧୯୬୫ ମେଁ ଖିତାବାତ୍ ,ଅନ୍ଓ୍ୱାରୁଲ୍ ଉଲୁମ୍ , ଖ-୨୫, ପୃ-୪୦୨-୪୦୩)

ସକିଫାଃ ବନି ସାଆଦାଃ ଠାରେ ସମସ୍ତ ଲୋକେ ବୟତ କରିବା ପ୍ରସଙ୍ଗରେ ଉଲ୍ଲେଖ ଅଛି ଯେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ସୋମବାର ଦିନ ହେଲା । ଲୋକମାନେ ସକିଫାଃ ବନି ସାଆଦାଃ ଠାରେ ହଜରତ ଅବୁ ବକର୍ ର ଅ ଙ୍କ ହାତରେ ବୟତ କରିବାରେ ବ୍ୟସ୍ତ ରହିଲେ । ପୁଣି ସୋମବାର ଦିନ ବାକି ଥିବା ସମୟରେ ତଥା ମଙ୍ଗଳବାର ଦିନ ସକାଳେ ମସଜିଦରେ ସମସ୍ତେ ବୟତ କଲେ । ହଜରତ୍ ଅନସ ବିନ୍ ମାଲିକ୍ ବର୍ଣ୍ଣନା କରିଛନ୍ତି ଯେ ଯେବେ ସକିଫାଃ ବନି ସାଆଦାଃ ଠାରେ ବୟତ ହୋଇଗଲା ଓ ଦ୍ୱିତୀୟ ଦିନ ହଜରତ ଅବୁ ବକର୍ ର ଅ ବସିପଡିଲେ, ସେତେବେଳେ ହଜରତ୍ ଉମର୍ ର ଅ ଛିଡା ହେଲେ ଏବଂ ହଜରତ ଅବୁ ବକର୍ ର ଅ ଙ୍କ ପୂର୍ବରୁ ଭାଷଣ ଦେଲେ । ହଜରତ୍ ଉମର୍ ର ଅ ପ୍ରଥମେ ଅଲ୍ଲାଃଙ୍କ ପ୍ରଶଂସା ଗାନ କଲେ ତାପରେ କହିଲେ :- ହେ ଲୋକମାନେ ! ଗତ କାଲି ମୁଁ ତୁମମାନଙ୍କୁ ଏମିତି କଥା କହିଥିଲି ଯାହା ମୁଁ ଅଲ୍ଲାଃଙ୍କ ପୁସ୍ତକରେ ପାଇନାହିଁ ଅର୍ଥାତ ଆଁ ହଜରତ୍ ସ ଆ ସ ମୃତ୍ୟୁ ବରଣ କରିନାହାନ୍ତି ବୋଲି । ଏ ବିଷୟରେ ନା ତ ମୋତେ ଆଁ ହଜରତ୍ ସ ଆ ସ କେବେ ଓସିୟତ କରଥିଲେ । କିନ୍ତୁ ମୁଁ ଏକଥା ଭାବୁଥିଲି ଯେ ରସୁଲୁଲ୍ଲାଃ ସ ଆ ସ ନିଶ୍ଚିତ ରୂପେ ଆମମାନଙ୍କ ମାମଲାର ସମାଧାନ କରିବେ । ରାଓି କହୁଛନ୍ତି ଯେ ହଜରତ୍ ଉମର୍ ର ଅ କହିଲେ ଆମେ ଭାବୁଥିଲୁଁ ଯେ ଆମେ ପ୍ରଥମେ ମରିଯିବୁ ଓ ଆଁ ହଜରତ୍ ସ ଆ ସ ଆମମାନଙ୍କ ପରେ ଶେଷରେ ମୃତ୍ୟୁ ବରଣ କରିବେ । ଅବଶ୍ୟ ଅଲ୍ଲାଃ ତାଲା ଏମିତି ଜିନିଷ ଛାଡି ଯାଇଛନ୍ତି ଯାହାଦ୍ୱାରା ସେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ହିଦାୟତ୍ ଦେଇଛନ୍ତି । ଏବଂ ଯଦି ତୁମେମାନେ ତାହାକୁ ସୁଦୃଢ ଭବରେ ଧରି ରଖିବ ତାହେଲେ ଅଲ୍ଲାଃ ତାଲା ତୁମମାନଙ୍କୁ ମଧ୍ୟ ହିଦାୟତ୍ ଦେବେ,ଯେମିତି ସେ ଆଁ ହଜୁର୍ ସ ଆ ସ ଙ୍କୁ ହିଦାୟତ୍ ଦେଇଥିଲେ ।

ଅଲ୍ଲାଃ ତାଲା ତୁମମାନଙ୍କ ମାମଲାକୁ ଏପରି ଜଣେ ଲୋକଙ୍କ ହାତରେ ଦେଇଛନ୍ତି ଯିଏ ତୁମମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ଉତମ ଅଟନ୍ତି ଓ ଯିଏ ଆଁ ହଜରତ୍ ସ ଆ ସ ଙ୍କ ସାଥି ଅଟନ୍ତି । ଯେଉଁ ଦୁଇଜଣ ଗୁମ୍ଫା ଭିତରେ ଥିଲେ ସେ ଥିଲେ ଦ୍ୱିତୀୟ ବ୍ୟକ୍ତି । (ଅର୍ଥାତ ଆଁ ହଜରତ୍ ସ ଆ ସ ଙ୍କ ସାଥିରେ ଗୁମ୍ଫା ଭିତରେ ହଜରତ୍ ଅବୁ ବକର୍ ର ଅ ଥିଲେ) । ତେଣୁ ହେ ଲୋକମାନେ ! ଉଠ ଏବଂ ତାଙ୍କ ବୟତ କର । ଅତେବ ଲୋକମାନେ ବୟତେ ସକିଫା ପରେ ହଜରତ୍ ଅବୁ ବକର୍ ର ଅ ଙ୍କ ହାତରେ ବୟତ କରିନେଲେ ।

ହଜରତ୍ ଅବୁ ବକର୍ ର ଅ ବୟତେ ଆମ୍ ଦିନ ଅର୍ଥାତ୍ ଯେଉଁଦିନ ସର୍ବସାଧାରଣ ସାମୁହିକ ଭାବରେ ବୟତ କରିଥିଲେ ସେହିଦିନ ଗୋଟିଏ ଖୁତବା ପ୍ରଦାନ କରିଥିଲେ । ଆପଣ ଅଲ୍ଲାଃଙ୍କ ପ୍ରଶଂସା କରିବା ପରେ କହିଲେ:- ହେ ଲୋକମାନେ ! ଅବଶ୍ୟ ମୋତେ ତୁମମାନଙ୍କ ଉପରେ ଓ୍ୱାଲି (ଅର୍ଥାତ ନିରୀକ୍ଷକ)ରୂପେ ମୃତୟନ କରାଯାଇଅଛି । କିନ୍ତୁ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

ମୁଁ ତୁମମାନଙ୍କ ମଧ୍ୟରେ ସର୍ବୋତମ ନୁହେଁ । ଯଦି ମୁଁ ଭଲ କାମ କରେ ତାହେଲେ ମତେ ସାହାଯ୍ୟ କର । ଯଦି ମୁଁ ଖରାପ କାମ କରେ ତାହେଲେ ମତେ ସଳଖ କରିଦିଅ ଅର୍ଥାତ ମତେ ସଜାଡି ଦିଅ । ସତ୍ୟ ହେଉଛି ଅମାନତ୍ ଓ ମିଥ୍ୟା ହେଉଛି ଖୟାନତ୍ । ତୁମମାନଙ୍କ ମଧ୍ୟରୁ ଅତି ଦୃବଳ ଲୋକଟିଏ ବି ମୋ ପାଇଁ ସବଳ , ଯେ ପର୍ଯ୍ୟନ୍ତ ମୁଁ ତାର ଅଧିକାର ତାକୁ ନଦେଇଛି । ସେହିଭଳି ତୁମମାନଙ୍କ ମଧ୍ୟରୁ ଅତି ସବଳ ଲୋକଟିଏ ବି ମୋ ପାଇଁ ଦୃବଳ , ଯେ ପର୍ଯ୍ୟନ୍ତ ମୁଁ ତାଠାରୁ ଅନ୍ୟମାନଙ୍କ ଅଧିକାର ହାସଲ ନକରିଛି । ଇନ୍‌ଶାଅଲ୍ଲାଃ । ଯେଉଁ ଜାତି ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ (ଅର୍ଥାତ ପ୍ରଚେଷ୍ଟା କରିବା)ଛାଡିଦିଏ ଅଲ୍ଲାଃ ତାହାକୁ ଅପମାନିତ କରିଥାନ୍ତି ଓ ଯେଉଁ କୌମରେ ଅନୈତିକତା ବ୍ୟାପିଯାଇଥାଏ ଅଲ୍ଲାଃ ତାକୁ ଅସୁବିଧାରେ ପକାଇଦେଇଥାନ୍ତି । ଯଦି ମୁଁ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ଆଜ୍ଞା ପାଳନ କରେ ତାହେଲେ ମୋ ଆଜ୍ଞାବହତା ସ୍ୱୀକାର କର । ଯଦି ମୁଁ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ଆଜ୍ଞା ପାଳନ ନକରି ତାହାଙ୍କ ଅବମାନନା କରେ ତାହେଲେ ତୁମମାନଙ୍କ ଉପରେ ମୋ ଆଜ୍ଞାବହତା ସ୍ୱୀକାର କରିବା ଜରୁରୀ ନୁହେଁ । ନମାଜ ପଢିବା ପାଇଁ ଛିଡାହୋଇଯାଅ । ଅଲ୍ଲାଃ ତୁମମାନଙ୍କ ଉପରେ ଦୟା କରନ୍ତୁ । (ଅଲବିଦାୟତୁନ୍ ନହାୟାଃ,ଖ-୬,ପୃ-୨୯୮-୨୯୯.......ବେରୁତ୍ ୨୦୦୧)

ହଜରତ୍ ଅଲୀ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କ ବୟତ କରିବା ସମ୍ବନ୍ଧରେ ବି ବିଭିନ୍ନ କଥା ମିଳିଥାଏ । ତାରିଖେ ତିବରୀରେ ଉଲ୍ଲେଖ ଅଛି ଯେ ହବିବ୍ ବିନ୍ ଅବୁ ସାବିତ୍ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ୍ ଅଲୀ ର ଅ ନିଜ ଘରେ ଥିଲେ ଯେ ତାଙ୍କ ନିକଟକୁ ଜଣେ ଲୋକ ଆସି କହିଲେ ଯେ ହଜରତ୍ ଅବୁ ବକର୍ ବୟତ ନେବାପାଇଁ ବସିଛନ୍ତି । ହଜରତ୍ ଅଲୀ ର ଅ କେବଳ କୁର୍ତା ପିନ୍ଧିଥିଲେ । ଏହି ଅବସ୍ଥାରେ ବାହାରକୁ ବାହାରିଲେ,ନା ତାଙ୍କ ଶରିରରେ ଚାଦର ଥିଲା ନା ଲୁଙ୍ଗି ଥିଲା । ସେ ଏହା ଚାହୁଁଥିଲେ ଯେ କାଳେ ଏଥିରେ ବିଳମ୍ବ ନ ହୋଇଯାଉ । ଏହିପରି ସେ ହଜରତ୍ ଅବୁ ବକର୍ ର ଅ ଙ୍କର ବୟତ କରିନେଲେ ଓ ହଜରତ୍ ଅବୁ ବକର୍ ର ଅ ଙ୍କ ନିକଟରେ ବସିପଡିଲେ । ତାପରେ ସେ ନିଜ କପଡା ମଗାଇ ତାହା ପିନ୍ଧିନେଲେ । ପୁଣି ହଜରତ୍ ଅବୁ ବକର୍ ର ଅ ଙ୍କ ମଜଲିସରେ ବସିରହିଲେ । (ତାରିଖେ ତିବରୀ ଖ-୩,ପୃ-୨୫୭.......ବେରୁତ୍ ୨୦୦୨)

ହଜରତ୍ ଅଲୀ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କ ବୟତ କରିବା ସମ୍ବନ୍ଧରେ ବି ବିଭିନ୍ନ ରିଓ୍ୱାୟତ୍ ମିଳିଥାଏ । କେତେକ ରିଓ୍ୱାୟତ୍ ରେ ଉଲ୍ଲେଖ ଅଛି ଯେ ହଜରତ୍ ଅଲୀ ର ଅ ଛଅ ମାସ ପର୍ଯ୍ୟନ୍ତ ବୟତ କରିନଥିଲେ । ପୁଣି ହଜରତ୍ ଫାତିମାଙ୍କ ଦେହାନ୍ତ ପରେ ବୟତ କରିଥିଲେ । ପୁଣି ଆଉ କେତେକ ରିଓ୍ୱାୟତ୍ ରେ ଉଲ୍ଲେଖ ଅଛି ଯେ ହଜରତ୍ ଅଲୀ ର ଅ ପୂର୍ଣ୍ଣ ବିଶ୍ୱାସ ତଥା ପ୍ରସନ୍ନତାର ସହିତ□ତତ୍‌କ୍ଷଣାତ୍ ହଜରତ୍ ଅବୁ ବକର୍ ର ଅ ଙ୍କ ର ବୟତ କରିଥିଲେ ।

ହଜରତ୍ ଅବୁ ସଇଦ୍ ଖୁଦରୀ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁହାଜିର୍ ଏବଂ ଅନସାରମାନେ ହଜରତ୍ ଅବୁ ବକର୍ ର ଅ ଙ୍କ ର ବୟତ କରିଥିଲେ ପୁଣି ହଜରତ୍ ଅବୁ ବକର୍ ର ଅ ମେମ୍ବର (ଡାଇସ୍) ଉପରେ ଚଢିଲେ ଓ ଲୋକମାନଙ୍କ ଉପରେ ଆଖି ଘୂରାଇଆଣିଲେ । ଯେବେ ଦେଖିଲେ କି ଜରତ୍ ଅଲୀ ର ଅ ସେଠାରେ ନାହାନ୍ତି , ତେଣୁ ସେ ଜରତ୍ ଅଲୀ ର ଅ ଙ୍କୁ ଖୋଜିଲେ । ଅନସାରମାନଙ୍କ ମଧ୍ୟରୁ କିଛି ଲୋକ ଯାଇ ଜରତ୍ ଅଲୀ ର ଅଙ୍କୁ ନେଇଆସିଲେ । ହଜରତ୍ ଅବୁ ବକର୍ ର ଅ କହିଲେ :- ହେ ରସୁଲୁଲ୍ଲାଃ ସ ଆ ସ ଙ୍କ ଚାଚାଙ୍କ ପୁତ୍ର ଓ ରସୁଲୁଲ୍ଲାଃ ସ ଆ ସ ଙ୍କ ଜ୍ୱାଇଁ ! କଣ ତୁମେ ମୁସଲମାନମାନଙ୍କ ଶକ୍ତିକୁ ଭାଙ୍ଗିଦେବାକୁ ଚାହୁଁଅଛ ? ଜରତ୍ ଅଲୀ ର ଅ କହିଲେ :-ହେ ରସୁଲୁଲ୍ଲାଃ ସ ଆ ସ ଙ୍କ ଖଲିଫା ! ମୋତେ ଧରନ୍ତୁ ନାହିଁ । ପୁଣି ସେ ହଜରତ୍ ଅବୁ ବକର୍ ର ଅଙ୍କ ହାତରେ ବୟତ କରିନେଲେ । (ସିରତ୍ ଅମୀରୁଲ୍ ମୁମିନିନ୍ ଅଲୀ ବିନ୍ ଅବି ତାଲିବ୍ .....ପୃ-୧୧୯,..ଲେବନାନ୍ ୨୦୦୬)(ସିରତୁନ୍ ନବଓ୍ୱିୟା ଲେ ଇବନେ କସିର୍ ,ପୃ-୬୯୩.....ବେରୁତ୍ ୨୦୦୫)

ଅଲ୍ଲାମାଃ ଇବନେ କସିର୍ ଉଲ୍ଲେଖ କରିଛନ୍ତି ଯେ ଜରତ୍ ଅଲୀ ଇବ୍‌ନେ ଅବି ତାଲିବ୍ ର ଅ ନବି କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ପ୍ରଥମ ଦିନ ବା ଦ୍ୱିତୀୟ ଦିନ ହଜରତ୍ ଅବୁ ବକର୍ ର ଅଙ୍କ ହାତରେ ବୟତ କରିନେଇଥିଲେ । ଏହା ହିଁ ସତ୍ୟ ଅଟେ । କାରଣ ହଜରତ୍ ଅଲୀ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କୁ କେବେ ବି ଛାଡିନାହାନ୍ତି କି ହଜରତ୍ ଅବୁ ବକର୍ ର ଅ ଙ୍କ ପଛରେ କେବେ ବି ନମାଜ ପଢିବା ଛାଡି ନଥିଲେ । (ସିରତୁନ୍ ନବଓ୍ୱିୟା ଲେ ଇବନେ କସିର୍ ,ପୃ-୬୯୪.....ବେରୁତ୍ ୨୦୦୫)

ହଜରତ୍ ମସିହ୍ ମଉଦ୍ ଆ ସ ବର୍ଣ୍ଣନା କରିଛନ୍ତି ଯେ ''ହଜରତ୍ ଅଲୀ ର ଅ କରମୁଲ୍ଲାଃ ଓ୍ୱଜ୍‌ହହୁ ପ୍ରଥମେ ପ୍ରଥମେ ହଜରତ୍ ଅବୁ ବକର୍ ର ଅ ଙ୍କର ବୟତ କରିବାକୁ ସଂକୋଚ କରିଥିଲେ । କିନ୍ତୁ ଘରକୁ ଯାଇ ଈଶ୍ୱର ଜାଣନ୍ତି ଅଚାନକ କଣ ହେଲା ଯେ ସେ ତତ୍‌କ୍ଷଣାତ୍ ଟୋପି ପିନ୍ଧି ବୟତ କରିବା ନିମନ୍ତେ ଧାଇଁ ଆସିଲେ ଓ ପଗଡି ବି ପନ୍ଧିବାକୁ ସମୟ ପାଇଲେ ନାହିଁ । ପରେ ପଗଡି ମଗାଇଲେ । ଜଣାପଡୁଛି ତାଙ୍କ ମନରେ ଏ ଖିଆଲ୍ ଆସିଥିବ ଯେ ଏକଥା ତ ବହୁତ ବଡ ପାପ । ସେଇଥିପାଇଁ ଏତେ ଶୀଘ୍ର କଲେ ଯେ ପଗଡି ବି ପନ୍ଧିବାକୁ ସମୟ ପାଇଲେ ନାହିଁ ।

ଓ ତତ୍‌କ୍ଷଣାତ୍ ଟୋପି ପିନ୍ଧି ବୟତ କରିନେଲେ ଏବଂ ପରେ ପଗଡି ମଗାଇଲେ ।

ହଜରତ୍ ମୁସଲେହ୍ ମଉଦ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ''ହଜରତ୍ ଅବୁ ବକର୍ ର ଅ ଙ୍କୁ ଦେଖନ୍ତୁ ! ସେ ମକ୍କାର ଜଣେ ସାଧାରଣ ବ୍ୟବସାୟୀ ଥିଲେ । ଯଦି ମୁହମ୍ମଦ୍ ସ ଆ ସ ଆବିର୍ଭୁତ ହୋଇନଥାନ୍ତେ ଓ ମକ୍କାର ଇତିହାସ ଲେଖାଯାଇଥାନ୍ତା ତାହେଲେ ଐତିହାସିକ କେବଳ ଏତିକି ଲେଖିଥାନ୍ତେ ଯେ ଅବୁ ବକର୍ ଆରବର ଜଣେ ଅତି ଭଦ୍ର ଓ ଜଣେ ସଚ୍ଚୋଟ ବ୍ୟବସାୟୀ ଥିଲେ । କିନ୍ତୁ ମୁହମ୍ମଦ୍ ସ ଆ ସ ଙ୍କ ଆଜ୍ଞାବହତା ସ୍ୱୀକାର କରିବା ଦ୍ୱାରା ଅବୁ ବକର୍ ଙ୍କୁ ଏପରି ପଦମର୍ଯାଦା ପ୍ରାପ୍ତ ହେଲା ଯେ ଆଜି ସାରା ଦୁନିଆ ତାଙ୍କ ନାମକୁ ସମ୍ମାନର ସହିତ ଉଚ୍ଚାରଣ କରୁଅଛି । ଯେବେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ହେଲା ଓ ହଜରତ୍ ଅବୁ ବକର୍ ର ଅ ଙ୍କୁ ମୁସଲମନମାନେ ନିଜର ଖଲିଫା ତଥା ସମ୍ରାଟ ଭାବରେ ମାନିନେଲେ ସେତେବେଳେ ମକ୍କାରେ ବି ଏ ଖବର ପହଂଚି ଗଲା । ଗୋଟିଏ ମଜଲିସରେ ବହୁତ ଲୋକେ ବସିଥିଲେ । ସେମାନଙ୍କ ମଧ୍ୟରେ ହଜରତ୍ ଅବୁ ବକର୍ ର ଅ ଙ୍କ ବାପା ଅବୁ କାହାଫା ବି ଉପସ୍ଥିତ ଥିଲେ । ଯେବେ ସେ ଶୁଣିଲେ ଯେ ହଜରତ୍ ଅବୁ ବକର୍ ର ଅ ଙ୍କ ହାତରେ ଲୋକମାନେ ବୟତ୍ କରିନେଇଛନ୍ତି ବୋଲି , ଏହା ତାଙ୍କ ପାଇଁ ବିଶ୍ୱାସ କରିବା ଅସମ୍ଭବ ଥିଲା । ତେଣୁ ସେ ଏ ଖବର ଦେଇଥିବା ଲୋକଟିକୁ ପଚାରିଲେ ଯେ ତୁମେ କେଉଁ ଅବୁ ବକର୍ (ର ଅ) ଙ୍କ କଥା କହୁଅଛ ? ସେ କହିଲା ସେହି ଅବୁ ବକର୍ ଯିଏ ହେଉଛନ୍ତି ତୁମର ସୁପୁତ୍ର । ପୁଣି ସେ ଆରବର ଗୋଟିଏ ଗୋଟିଏ କବିଲାର ନାମ ଧରି ଏହା କହିବା ଆରମ୍ଭ କରିଦେଲା ଯେ ସେମାନେ ବି ଅବୁ ବକର୍ ର ଅ ଙ୍କ ହାତରେ ବୟତ କରିସାରିଛନ୍ତି । ଯେତେବେଳେ ସେ ଏ କଥା କହିଲା ଯେ ସମସ୍ତେ ଏକମତ ହୋଇ ଅବୁ ବକର୍ ର ଅ ଙ୍କୁ ଖଲିଫା ତଥା ସମ୍ରାଟ ଭାବରେ ଚୟନ କରିସାରିଛନ୍ତି ସେତେବେଳେ ଅବୁ କାହାଫା ସ୍ୱତଃପୃତଃ ଭାବରେ କହିଉଠିଲେ :- ''ଅଶ୍‌ହଦୁ ଅନ୍ ଲାଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବଦହୁ ଓ୍ୱ ରସୁଲୁହୁ ଅର୍ଥାତ ମୁଁ ସାକ୍ଷ୍ୟ ଦେଉଅଛି ଯେ ଖୁଦାତାଲାଙ୍କ ବ୍ୟତୀତ ଆଉ କେହି ଉପାସ୍ୟ ନାହାନ୍ତି ଓ ମୁଁ ସାକ୍ଷ୍ୟ ଦେଉଅଛି ଯେ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସ ତାହାଙ୍କ ସଚ୍ଚା ରସୁଲ୍ ଅଟନ୍ତି । ''

ହଜରତ୍ ମୁସଲେହ୍ ମଉଦ୍ ର ଅ ଉଲ୍ଲେଖ କରିଛନ୍ତି ଯେ ''ଯଦିଓ ସେ ବହୁ ପୂର୍ବରୁ ମୁସଲମାନ୍ ଥିଲେ '' ହଜରତ୍ ଅବୁ କାହାଫା ପୂର୍ବରୁ ହିଁ ଆଁ ହଜରତ୍ ସ ଆ ସ ଙ୍କ ହାତରେ ବୟତ୍ କରିସାରିଥିଲେ । ''ସେ ଯେଉଁ କଲ୍‌ମା ପଢିଥିଲେ ଓ ପୁନର୍ବାର ରସୁଲୁଲ୍ଲାଃ ସ ଆ ସ ଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ,ତାହା ଏଇଥିପାଇଁ କି ଯେବେ ହଜରତ୍ ଅବୁ ବକର ର ଅ ଖଲିଫା ହେଲେ ତାଙ୍କ ଆଖି ଖୋଲିଗଲା ଓ ସେ ଭାବିଲେ ଯେ ଏହା ଇସଲାମର ସତ୍ୟତାର ଏକ ବଳିଷ୍ଠ ପ୍ରମାଣ । ନଚେତ ମୋ ପୁଅର କଣ କ୍ଷମତା ଥିଲା ଯେ ତା ହାତରେ ସମଗ୍ର ଆରବ ଏକତ୍ରୀତ ହୋଇଗଲା ।'' (ତଫସୀର୍ କବୀର୍ , ଖ-୬, ପୃ-୨୦୫-୨୦୬)

ହଜରତ୍ ମୁସଲେହ୍ ମଉଦ୍ ର ଅ ପୁଣି ଆଉ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ ''ଦେଖନ୍ତୁ ! ହଜରତ୍ ଅବୁ ବକର ର ଅ ଙ୍କର ଇସଲାମ ପୂର୍ବରୁ କଣ ଅବସ୍ଥା ଥିଲା । ଯେବେ ସେ ଖଲିଫା ହେଲେ ସେତେବେଳେ ତାଙ୍କ ମାଆ ଜୀବିତ ଥିଲେ । କେହି ଜଣେ ଯାଇ ତାଙ୍କୁ ଖବର ଦେଲେ ଯେ ଶୁବେଚ୍ଛା ଓ ଅଭିନନ୍ଦନ ! ଅବୁ ବକର୍ ଖଲିଫା ହୋଇଗଲେ । ସେ କହିଲେ କେଉଁ ଅବୁ ବକର୍ ? ସେ କହିଲା ଆପଣଙ୍କ ପୁଅ । ଏଥିରେ ବି ତାଙ୍କୁ ବିଶ୍ୱାସ ହେଲା ନାହିଁ । ତେଣୁ କହିଲେ ଆଉ କିଏ ହୋଇଥିବ । କିନ୍ତୁ ଯେବେ ତାଙ୍କୁ ବିଶ୍ୱାସ ଦିଆଗଲା ସେ କହିଲେ ଅଲ୍ଲାହୁ ଅକବର୍ ! ମୁହମ୍ମଦ ସ ଆ ସ ଙ୍କ ଯଶ ଦେଖନ୍ତୁ ଯେ ଅବୁ କାହାଫାଙ୍କ ପୁଅକୁ ଆରବର ଲୋକମାନେ ନିଜର ସର୍ଦାର ଭାବରେ ଗ୍ରହଣ କରିନେଇଛନ୍ତି । ଅତେବ ସେହି ଅବୁ ବକର୍ ଯିଏ ସାଂସାରୀକ ଦୃଷ୍ଟିକୋଣରୁ କୌଣସି ପ୍ରକାରର ଯଶ ରଖିନଥିଲେ , ସେ ମୁହମ୍ମଦ୍ ସ ଆ ସ ଙ୍କ ଯୋଗୁଁ ଏତେ ମାତ୍ରାରେ ମାନ ସମ୍ମାନ ପାଇଲେ ଯେ ଏବେ ବି ଲକ୍ଷ ଲକ୍ଷ ଲୋକେ ତାଙ୍କ ସହିତ ସମ୍ପର୍କ ଯୋଡିବାକୁ ଗର୍ବ ଅନୁଭବ କରୁଛନ୍ତି । ''

(ଖିତାବ୍ ଜଲସା ସାଲାନା ୧୭/ମାର୍ଚ୍ଚ ୧୯୧୯,ଅନଓ୍ୱାରୁଲ୍ ଉଲୁମ୍ , ଖ-୪,ପୃ-୪୨୫)

ହଜରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର ଅ କୁହନ୍ତି:-ଅବଶ୍ୟ ଏକଥାକୁ ଜାଣି ରଖ ଯେ ଅଲ୍ଲାଃ ତାଲା କାହାର ଉପକାରକୁ ନିଜ ଦାୟିତ୍ୱରେ ରଖେନାହିଁ । ଯେତେ ମାତ୍ରାରେ ଜଣେ ଅଲ୍ଲାଃଙ୍କୁ ଦେଇଥାଏ ସେ ତାଠାରୁ ହଜାର ହଜାର୍ ଓ ଲକ୍ଷ ଲକ୍ଷ ଗୁଣା ଅଧିକା ଦେଇଥାଏ । ଦେଖ ଅବୁ ବକର୍ ର ଅ ମକ୍କାରେ ଗୋଟିଏ ମାମୁଲି କୋଠା ଛାଡିଯାଇଥିଲେ କିନ୍ତୁ ଖୁଦା ତାଲା ତାହାର କି ପ୍ରକାରେ ମାନ ରଖିଲେ । ତା ପ୍ରତିବଦଳରେ ତାଙ୍କୁ ଗୋଟିଏ ସାମ୍ରାଜ୍ୟର ମାଲିକ ବନାଇଦେଲେ । ''

(ହକାଇକୁଲ୍ ଫୁରକାନ୍ , ଖ-୦୧, ପୃ-୨୪୪)

ହଜରତ୍ ଅବୁ ବକରଙ୍କ ଖିଲାଫତ୍ ସମ୍ବନ୍ଧରେ ରସୁଲୁଲ୍ଲାଃ ସ ଆ ସ ଙ୍କର ଗୋଟିଏ ସ୍ୱପ୍ନ ବି ଅଛି । ସେ ସମ୍ବନ୍ଧରେ ଉଲ୍ଲେଖ ଅଛି ଯେ ହଜରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି ସ ଆ ସ କହିଲେ :- ଗୋଟିଏ ସ୍ୱପ୍ନରେ ମତେ ଦେଖାଇଦିଆଗଲା ଯେ ମୁଁ ଗୋଟିଏ କୂଅ ନିକଟରେ ଛିଡା ହୋଇ ଗୋଟିଏ ଡୋଲ(ଅର୍ଥାତ ବଡ ସାଇଜର ପାଣି କଢାଯିବା ପାତ୍ର)ସାହାଯ୍ୟରେ ପାଣି ଟାଣି ବାହାର କରୁଛି । ଏହି ସମୟରେ ଅବୁ ବକରର ଆସିଲେ ଓ

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଓ ଶୁଦ୍ଧ ଆତ୍ମାଗୁଡ଼ିକୁ ହିଦାୟତ(ମାର୍ଗଦର୍ଶନ) ମଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ସେ ଗୋଟିଏ ବା ଦୁଇ ଡୋଲ୍ ପାଣି ଏପରି ଟାଣି ବାହାର କଲେ ଯେ ତାଙ୍କ ଟାଣିବାରେ ଦୃବଳତା ପରିଲକ୍ଷିତ ହେଉଥିଲା । ଅଲ୍ଲାଃ ତାଙ୍କ ଦୃବଳତାକୁ ଘୋଡାଇଦେବେ ଓ ତାଙ୍କୁ କ୍ଷମା କରିଦେବେ । ତାପରେ ପୁଣି ଉମର୍ ବିନ୍ ଖତାବ୍ ଆସିଲେ । ସେହି ଡୋଲଟି ଗୋଟିଏ ବଡ ଡୋଲରେ ପରିଣତ ହୋଇଗଲା । ମୁଁ ଏମିତି କୌଣସି ଶକ୍ତିଶାଳୀ ଲୋକକୁ ଦେଖିନାହିଁ ଯିଏ ହଜରତ୍ ଉମର୍ ଙ୍କ ଭଳି ଅଦ୍ଭୁତ କାମ କରିଥିବ । ସେ ଏତେ ପାଣି ବାହାର କଲେ ଯେ ଲୋକମାନେ ତାହାକୁ ପିଇ ତୃପ୍ତ ହୋଇଗଲେ । ଏବଂ ନିଜ ନିଜର ସ୍ଥାନରେ ଯାଇ ବସିପଡିଲେ । (ସହି ବୁଖାରୀ କିତାବୁଲ୍ ଫଜାଇଲ୍ .........ହଦିସ୍ - ୩୬୮୨)

ଏକଦା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ମଧ ଏହି ପ୍ରସଙ୍ଗରେ ଗୋଟିଏ ସ୍ୱପ୍ନ ଦେଖିଥିଲେ ଯେ, ତାଙ୍କ ଶରୀରରେ ଦୁଇଟି ୟମ୍‌ନି ଚଦର ଘୋଡ଼ା ଯାଇଛି କିନ୍ତୁ ଉକ୍ତ ଚଦର ମଧ୍ୟରେ ଦୁଇ ଗୋଟି ଦାଗ ଲାଗିଛି । ହଜୁର ସ:ଆ:ସ ତାଙ୍କର ଏହି ସ୍ୱପ୍ନ ପ୍ରସଙ୍ଗରେ କହିଲେ, ଦୁଇଟି ୟମ୍‌ନି ଚଦରର ଅର୍ଥ ତୁମକୁ ଯୋଗ୍ୟ ସନ୍ତାନ ଲାଭ ହେବ ଏବଂ ଦୁଇଟି ଦାଗ ଲାଗିବାର ଅର୍ଥ ହେଉଛି ଦୁଇବର୍ଷ ପର୍ଯ୍ୟନ୍ତ ଆପଣଙ୍କୁ ମୁସଲମାନମାନଙ୍କ ସର୍‌ଦାର୍ ହେବାର ସୁଯୋଗ ମିଳିବ ଅର୍ଥାତ ଆପଣ ଦୁଇ ବର୍ଷ ପର୍ଯ୍ୟନ୍ତ ମୁସଲମାନମାନଙ୍କ ହାକିମ ରହିବେ । *(କନଜୁଲ୍ ଅମାଲ୍, ଖଣ୍ଡ-୩, ଭାଗ-୫, ପୃ-୨୫୩, କିତାବୁଲ୍ ଖିଲାଫତା ମାଅଲ୍ ଇମାରାଃ, ହଦିସ୍-୧୪୧୧୧...... ବେରୁତ ୨୦୦୪)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଖଲିଫା ଚୟନ ହେବା ପରେ ମଦିନା ଚାଲି ଆସିଥିଲେ ଏବଂ ସେହିଠାରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ । ସମସ୍ତ ପ୍ରସଙ୍ଗ ସ୍ୱୟମ ଦେଖିବା ଯୋଗୁଁ ନିଜ ବ୍ୟବସାୟ କାର୍ଯ୍ୟ ଜାରି ରଖିପାରିନଥିଲେ ତେଣୁ ନିଜ ପରିବାର ବର୍ଗଙ୍କ ଖର୍ଚ୍ଚ ବହନ କରିବା ସକାଶେ ପ୍ରତ୍ୟହ ବୟତୁଲ୍ ମାଲ୍‌ରୁ ଖର୍ଚ୍ଚ ସଂଗ୍ରହ କରିଥିଲେ । ଖିଲାଫତ୍‌ର ନିର୍ବାଚନ ପରେ ହଜରତ ଅବୁ ବକର ର:ଅଙ୍କର ବ୍ୟକ୍ତିଗତ ଖର୍ଚ୍ଚ ନିମନ୍ତେ ବାର୍ଷିକ ୬୦୦୦ ଦିର୍‌ହମ୍ ୱଜିଫା ଧାର୍ଯ୍ୟ କରାଯାଇଥିଲା । *(ତାରିଖେ, ତିବ୍‌ରୀ, ଖଣ୍ଡ-୨, ପୃ-୩୫୪, ୧୩ ହିଜ୍ରୀ ମୁଦ୍ରିତ ନାରୁଲ୍ କୁତୁବୁଲ୍ ଅଲ୍‌ମିୟା ୧୯୮୭)* । କିନ୍ତୁ ଯେତେବେଳେ ଆପଣ ର:ଅଙ୍କର ମୃତ୍ୟୁ ସମୟ ପାଖେଇ ଆସିଲା ସେ ନିଜ ବନ୍ଧୁ ପରିଜନଙ୍କୁ ଆଦେଶ ଦେଲେ ଯେ ଯେଉଁ ୱଜିଫା ମତେ ବୟତୁଲ୍ ମାଲ୍‌ରୁ ମିଳୁଅଛି ତାହା ସମ୍ପୂର୍ଣ୍ଣ ରୂପେ ବୟତୁଲ୍ ମାଲ୍‌କୁ ଫେରସ୍ତ କରିଦିଅ ଏବଂ ତା'ର ପଇଠ କରିବା ସକାଶେ ମୋର ଅମୁକ ଅମୁକ ଜମି ବିକ୍ରି କରିଦିଅ ।

ଅତଏବ ଯେତେବେଳେ ହଜରତ ଉମର ର:ଅ ଖଲିଫା ହେଲେ ଏବଂ ସେହି ଅର୍ଥ ତାଙ୍କ ନିକଟରେ ପହଂଚାଇ ଦିଆଗଲା । ସେତେବେଳେ ତାଙ୍କ ଚକ୍ଷୁରୁ ଅଶ୍ରୁଧାର ଝରିପଡ଼ିଲା ଏବଂ ସେ କହି ଉଠିଲେ: ହେ ଅବୁ ବକର ସିଦ୍ଦିକ୍ ର:ଅ ଆପଣ ନିଜ ଉତରାଧିକାରୀଙ୍କ ଉପରେ ବହୁତ ଭାରି ବୋଝ ଲଦି ଯାଇଛନ୍ତି । *(ହଜରତ ସୟଦନା ଅବୁ ବକର୍ ସଦ୍ଦିକ୍ ର:ଅ...... ପୃ-୧୨୨, ବୁକ୍ କର୍ଣ୍ଣର୍ ଝେଲମ୍)*

ହ ମୁସ୍‌ଲେହ୍ ମଉଦ ର:ଅ କୁହନ୍ତି: ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସମଗ୍ର ଇସ୍‌ଲାମୀୟ ଜଗତର ସମ୍ରାଟ ଥିଲେ ସେ ସର୍ବସାଧାରଣଙ୍କ ଧନସମ୍ପତି/ଟଙ୍କା ପଇସାର ସୁରକ୍ଷାକର୍ତା ଥିଲେ । କିନ୍ତୁ ନିଜେ ସେହି ଟଙ୍କା ଦ୍ୱାରା ନିଜ ପାଇଁ କିଛି ଖର୍ଚ୍ଚ କରୁନଥିଲେ । ସେମାନଙ୍କ ସମସ୍ତ ସମସ୍ୟା ସମାଧାନ ଓ ସେମାନଙ୍କର ଉନ୍ନତି ଓ ବିକାଶ ପାଇଁ ସର୍ବଦା ଯତ୍ନବାନ ଓ ପ୍ରୟାଶରତ ରହୁଥିଲେ । ନିଃସନ୍ଦେହ ରୂପେ ସେ ଜଣେ ବ୍ୟବସାୟୀ ଥିଲେ । ଯଦିଚ ତାଙ୍କର ଏ ଅଭ୍ୟାସ ଥିଲା ଯେ ଯଦି କୌଣସି ଅର୍ଥ ଆସୁଥିଲା ସେ ତାହାକୁ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଦେଉଥିଲେ । ତେଣୁ ହଜୁର ସ:ଆ:ସଙ୍କ ସ୍ୱର୍ଗବାସ ସମୟରେ ତାଙ୍କ ନିକଟରେ କଉଡ଼ିଟିଏ ମଧ ନଥିଲା । ଖିଲାଫତ୍ ଆସନରେ ବିରାଜମାନ ହେବାର ଦ୍ୱିତୀୟ ଦିନ ସେ ଏକ କପଡ଼ାର ପୁଟୁଳି ଉଠାଇ ତାହାକୁ ବିକ୍ରି କରିବାକୁ ବାହାରି ପଡ଼ିଥିଲେ । ହଜରତ ଉମର ର:ଅଙ୍କ ସହିତ ରାସ୍ତାରେ ସାକ୍ଷାତ ହେଲା ସେ ପ୍ରଶ୍ନ କଲେ ଆପଣ କୁଆଡ଼େ ବାହାରିଛନ୍ତି ? ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଉତର ଦେଲେ ପେଟପାଟଣା ପାଇଁ କିଛି କାର୍ଯ୍ୟ ତ କରିବାକୁ ହେବ । ଯଦି ମୁଁ ବସ୍ତ୍ର ନ ବିକ୍ରି କରେ ତେବେ ଖାଇବି କ'ଣ ? ହଜରତ ଉମର ର:ଅ କହିଲେ ଏପରି ସମ୍ଭବ ନୁହେଁ, ଯଦି ଆପଣ ବ୍ୟବସାୟ କରିବେ ତେବେ ଖିଲାଫତ୍‌ର ଭାର କିଏ ବହନ କରିବ ? ହଜରତ ଅବୁ ବକର ର:ଅ ଉତର ଦେଲେ ତେବେ କିପରି ମୋ ଘର ଚଳିବ ? ଏଥିରେ ହଜରତ ଉମର ର:ଅ କହିଲେ ଆପଣ ବଇତୁଲ୍ ମାଲ୍‌ରୁ ୱଜିଫା ଗ୍ରହଣ କରନ୍ତୁ । ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ: ମୁଁ ଏହା ବରଦାସ୍ତ କରିପାରିବି ନାହିଁ । ବଇତୁଲ୍ ମାଲ୍ ଉପରେ ମୋର ଅବା କ'ଣ ଅଧିକାର ରହିଛି ? ଉମର ର:ଅ କହିଲେ: ଯେତେବେଳେ ପବିତ୍ର କୁର୍‌ଆନ୍ ଅନୁମତି ପ୍ରଦାନ କରିଦେଇଛି ଯେ ଧାର୍ମିକ କାର୍ଯ୍ୟର ଖର୍ଚ୍ଚ ବଇତୁଲ୍ ମାଲ୍‌ରୁ ବହନ ହେବ ତେବେ ଆପଣ କାହିଁକି ଗ୍ରହଣ କରିପାରିବେ ନାହିଁ ? । ଅତଏବ ତା'ପରେ ବଇତୁଲ୍‌ମାଲ୍‌ରୁ ତାଙ୍କର ୱଜିଫା ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସେତେବେଳର ସମୟ ଅନୁସାରେ ସେଥିରେ କେବଳ ତାଙ୍କର ଖାଇବା ପାଇଁ ରୋଟି ତଥା କପଡ଼ାର ଆବଶ୍ୟକତା ପୂରଣ ହୋଇପାରୁଥିଲା ।" *(ତଫ୍‌ସୀର୍ କବୀର୍, ଖଣ୍ଡ-୮, ପୃ-୪୬୮)* ।

ଇସ୍‌ଲାମ୍‌ର ଚାରିଜଣ ଖଲିଫାଙ୍କ ମଧ୍ୟରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ଖିଲାଫତ ମାତ୍ର ଦୁଇବର୍ଷ ଚାରିମାସର ଥିଲା ଓ ତାହା ଖିଲାଫତେ ରାଶ୍‌ଦାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଓ ସୁବର୍ଣ୍ଣ କାଳ ଥିଲା । କାରଣ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ସବୁଠାରୁ ଅଧିକ ବିପଦ ଓ ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥିଲା । କିନ୍ତୁ ପରାକ୍ରମୀ ପରମେଶ୍ୱରଙ୍କର ଅସାଧାରଣ ସାହାଯ୍ୟ ସହଯୋଗ ଯୋଗୁଁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ଅଦମ୍ୟ ସାହାସ ପରାକାଷ୍ଠା ଓ ବୁଦ୍ଧିମତା ଫଳରେ ବିଦ୍ରୋହ ଓ ଆତଙ୍କ ବାଦର ସମସ୍ତ କଳା ବାଦଲ ଦୁରିଭୂତ ହୋଇଯାଇଥିଲା ଏବଂ ଭୟପ୍ରଦ ଅବସ୍ଥା ଶାନ୍ତିରେ ରୂପାନ୍ତରିତ ହୋଇଯାଇଥିଲା ଏବଂ ଖିଲାଫତ୍‌ର ଆନ୍ଦୋଳିତ ପ୍ରାସାଦଟି କ୍ରମଶଃ ନିଜର ଦୃଢ଼ ତଥା ଶକ୍ତିଶାଳି ମୂଳଦୁଆ ଉପରେ ସ୍ଥାପିତ ହୋଇଯାଇଥିଲା ।

ଖିଲାଫତ୍‌ର ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଯେଉଁ ବିପତି ତଥା ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥିଲା ତାହାର ଚର୍ଚ୍ଚା କରି ଉମ୍ମୁଲ୍ ମୁମିନିନ୍ ହଜରତ ଆଇଶା ର:ଅଙ୍କ କଥନ ପ୍ରସଙ୍ଗରେ ହଜରତ ମସିହ ମଉଦ ଆ:ସ କୁହନ୍ତି: ହଜରତ ଆଇଶା ର:ଅଙ୍କର ବର୍ଣ୍ଣନା ଦରଜ ରହିଛି ଯେ ସେ କହିଲେ:- ମୋ ପିତାଶ୍ରୀ ଯେତେବେଳେ ଖଲିଫା ରୂପେ ମନୋନୀତ ହେଲେ ଅଲ୍ଲାଃ ତାଲା ତାଙ୍କୁ ଅମୀର ରୂପେ ସମ୍ମାନୀତ କଲେ । ସେତେବେଳେ ଆପଣ ପ୍ରାରମ୍ଭରେ ହିଁ ପ୍ରତ୍ୟେକ ପାର୍ଶ୍ୱରେ ପରିବ୍ୟାପ୍ତ ଥିବା ସମସ୍ତ ପ୍ରକାରର ଉପଦ୍ରବ ଓ କଳହ ଓ ବିଦ୍ରୋହୀମାନଙ୍କୁ ଲକ୍ଷ୍ୟ କଲେ ଏବଂ ଆପଣଙ୍କ ଉପରେ ଏତେମାତ୍ରାରେ ବିପତି ଆସି ପଡ଼ିଥିଲା ଯେ ଯଦି ତାହା ଗୋଟିଏ ପାହାଡ଼ ଉପରେ ଅବତୀର୍ଣ୍ଣ ହୋଇଥାନ୍ତା, ତା'ହେଲେ ସେହି ପାହାଡ଼ଟି ମାଟିରେ ମିଶି ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା । କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ରସୁଲେ କରିମ୍ ସ:ଆ:ସଙ୍କ ପରି ଧର୍ଯ୍ୟ ପ୍ରଦାନ କରାଯାଇଥିଲା । ଯଦ୍ୱାରା ସେ ଅଲ୍ଲାଃ ତାଲାଙ୍କ ସମର୍ଥନକୁ ପ୍ରାପ୍ତ କରିନେଇଥିଲେ ଏବଂ ମିଥ୍ୟାବାଦୀ ନବୀମାନଙ୍କର ନାଶ କରିଦେଇଥିଲେ । ଉପଦ୍ରବ ଦୂରିଭୂତ ହେଲା, ବିପତିର କଳା ବାଦଲ ଅପସରି ଗଲା ଓ ମାମଲାଗୁଡ଼ିକର ସମାଧାନ ହୋଇଗଲା । ଖିଲାଫତ୍‌ର ପ୍ରସଙ୍ଗକୁ ସୁଦୃଢ଼ କରାଗଲା ଏବଂ ଅଲ୍ଲାଃ ତାଲା ବିଶ୍ୱାସକାରୀମାନଙ୍କୁ ଏକ୍‌ଜୁଟ କରିଦେଲେ, ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ପରିଣତ କରିଦେଲେ । ସେମାନଙ୍କ ସକାଶେ ସେମାନଙ୍କ ଧର୍ମକୁ ଶକ୍ତି କରିଦେଲେ । ଏପରି ଅଲ୍ଲାଃ ତାଲା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସାହାଯ୍ୟ ସହଯୋଗ କରିଥିଲେ ଓ ଏକ ଜଗତକୁ ସତ୍ୟ ଉପରେ ପ୍ରତିଷ୍ଠିତ କରିଦିଆଗଲା । ବିଶୃଙ୍ଖଳିତ ନେତାମାନଙ୍କର ଓ ସେମାନଙ୍କ ଚେହେରାକୁ କଳା କରିଦିଆଗଲା । ଅଲ୍ଲାଃ ତାଲା ହଜରତ ଅବୁ ବକର୍ ର:ଅଙ୍କ ଜରିଆରେ । ଅବିଶ୍ୱାସକାରୀମାନଙ୍କ ମନରେ ଏଭଳି ଭୟ ଉତ୍ପନ୍ନ କରିଦେଇଥିଲେ ଯେ, ସେମାନଙ୍କ ଅକୃତକାର୍ଯ୍ୟ ହେବା ସୁନିଶ୍ଚିତ ହୋଇଥିଲା । ସେମାନେ ଯେଉଁ ବିଦ୍ରୋହର ମୁଣ୍ଡ ଟେକିବା ଆରମ୍ଭ କରିଥିଲେ ପରମେଶ୍ୱର ତାହା ସେହିଠାରେ ଚାପି ଦେଇଥିଲେ । ଏହା ହିଁ ମହାପ୍ରତାପି ଓ ସର୍ବଶକ୍ତିମାନ ଈଶ୍ୱରଙ୍କର ପ୍ରତାପ ଥିଲା ଯାହା ସେହି ସମସ୍ତ ସତ୍ୟବାଦୀଙ୍କ ସହିତ ସର୍ବଦା ଚାଲି ଆସିଛି । ଅତଏବ ତୁମେମାନେ ଚିନ୍ତା କର ଯେ କିଭଳି ଖିଲାଫତ୍‌ର ପ୍ରତିଶୃତି ନିଜର ସମସ୍ତ ଆବଶ୍ୟକତା ତଥା ସମସ୍ତ ଲକ୍ଷଣ ଓ ନିଦର୍ଶନର ସହିତ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ଅସ୍ତିତ୍ୱରେ ଚରିତାର୍ଥ ହୋଇଥିଲା । *(ସିର୍‌ରୁଲ୍ ଖିଲାଫାଃ ମୁତରଜିମ୍, ପୃ-୪୯-୫୦, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୩୩୫)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ପ୍ରାରମ୍ଭିକ ପ୍ରର୍ଯାୟରେ ପାଂଚଗୋଟି ଭୀଷଣ ଦୁଃଖ ଓ ବିପତିର ସମ୍ମୁଖିନ କରିବାକୁ ପଡ଼ିଥିଲା । ପ୍ରଥମତଃ ହଜୁର ସ:ଆ:ସଙ୍କର ବିୟୋଗ ଓ ବିରହ ଜନିତ ଦୁଃଖ, ଦ୍ୱିତୀୟ ହେଉଛି ଖିଲାଫତ୍‌ର ଚୟନ ଓ ସେଥିପାଇଁ ଉପୁଜିଥିବା ମତାନ୍ତରର ଭୟ, ତୃତୀୟ ହେଉଛି ଉସାମା ର:ଅଙ୍କ ସୈନ୍ୟଦଳକୁ ରଣକ୍ଷେତ୍ରକୁ ପଠାଇବାର ପ୍ରସଙ୍ଗ, ଚତୁର୍ଥ କିଛି ଲୋକେ ନିଜକୁ ମୁସଲମାନ ବୋଲାଇ ଜକାତ୍‌ର ଅର୍ଥ ଦେବାକୁ ଅସ୍ୱୀକାର କରିବା ଓ ମଦିନା ଉପରେ ଆକ୍ରମଣ କରିବାରେ ଯୋଜନା କରିବାର ବିପଦ ଆଉ ପଂଚମ ହେଲା ଉପଦ୍ରବ ଓ ବିଶୃଙ୍ଖଳା ତଥା ଧର୍ମରୁ ଓହରି ଚାଲିଯାଉଥିବା ବିଦ୍ରୋହୀମାନଙ୍କର ବିଦ୍ରୋହ ଯାହାକି ସେମାନେ ଖୋଲା ଖୋଲି ଭାବରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସମ୍ମୁଖରେ ଛିଡ଼ା ହୋଇଯାଇଥିଲେ । ଏହି ବିଦ୍ରୋହରେ ଏମିତି ଲୋକମାନେ ବି ଅଂଶ ଗ୍ରହଣ କଲେ ଯେଉଁମାନେ ନିଜକୁ ନବୀ ହେବାର ଦାବି ମଧ କରିଥିଲେ ।

ଭୟର ଏହି ସମସ୍ତ ପରିସ୍ଥିତିରେ ଏବଂ ଉପଦ୍ରବର ମୂଳୋତ୍ପାଟନ କରିବାରେ ଅଲ୍ଲାଃ ତାଲା ହଜରତ ଅବୁ ବକର ର:ଅଙ୍କୁ ଯେଉଁ ସଫଳତା ପ୍ରଦାନ କରିଥିଲେ ତାହାର ବିସ୍ତୃତ ବିବରଣୀ ଆଗାମି ଖୁତ୍‌ବାରେ ଚର୍ଚ୍ଚା କରିବି କିନ୍ତୁ ଏହା ପୂର୍ବରୁ ନ୍ୟାୟ ବିଚାରକ ହଜରତ ମସିହ ମଉଦ ଆ:ସଙ୍କର ଏହି ବିସ୍ତୃତ ଉଦ୍ଧୃତାଂଶ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ଚାହୁଁଛି ଯେଉଁଥିରେ ଆପଣ ଆ:ସ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ହଜରତ ମୁସା ଆ:ସଙ୍କ ପ୍ରଥମ ଖଲିଫା ହଜରତ ୟଶୁ ବିନ୍ ନୁନ୍‌ଙ୍କ ସହିତ ସାମଞ୍ଜସ୍ୟତା ଥିବା ଦର୍ଶାଇଛନ୍ତି ଏବଂ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଯେଉଁ ସମସ୍ୟାର ସମ୍ମୁଖିନ ହୋଇଥିଲେ, ତାହାର ଚର୍ଚ୍ଚା କରି ତତ୍ ସହିତ ହଜରତ ଅବୁ ବକର୍ ର:ଅଙ୍କୁ ଯେଉଁ ସଫଳତା ଓ ବିଜୟ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.7 Thursday 28 Apr 2022 Issue No. 17

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ପ୍ରାପ୍ତ ହୋଇଥିଲା, ସେ ସମ୍ବନ୍ଧରେ ହଜରତ ମସିହ ମଉଦ ଆ:ସ ବର୍ଣ୍ଣନା କରିଛନ୍ତି ଯେ:- ହଜରତ ମୁସା ଆ:ସଙ୍କ ସମ୍ପ୍ରଦାୟ ଓ ହଜରତ ମୁହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟ ସହିତ ଯେଉଁ ସାମଞ୍ଜସ୍ୟତା ରହିଛି ସେଥିରୁ ସ୍ୱଷ୍ଟ ରୂପେ ଏହା ବୁଝା ପଡୁଛି ଯେ, ହଜୁର ସ:ଆ:ସଙ୍କ ଅବତାରତ୍ୱ ସହିତ ମୁସା ଆ:ସଙ୍କ ସାମଞ୍ଜସ୍ୟ ପରିଲକ୍ଷିତ ହେଉଛି । ଯେପରି କି ଅଲ୍ଲାଃ ତାଲା ଏ ବାବଦରେ ଏ ଆୟତ ଅବତୀର୍ଣ୍ଣ କରିଛନ୍ତି:- **ୱାଦଲ୍ଲାହୁଲ୍ ଲଜିନା ଆମନୁ....... ଅଲ୍ଲଜିନା ମିନ୍ କବ୍ଲିହିମ୍ । (ସୁରଃ ନୂର:୫୬)** ଅର୍ଥାତ ଅଲ୍ଲାଃ ତାଲା ସେହି ବିଶ୍ୱାସକାରୀମାନଙ୍କ ସହିତ ଯେଉଁମାନେ ପୂଣ୍ୟକର୍ମ ସମ୍ପାଦନ କରନ୍ତି ସେମାନଙ୍କ ସହିତ ଏହି ପ୍ରତିଶୃତି କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା ରୂପେ ନିଯୁକ୍ତ କରିଦେବେ ଯେପରି କି ସେ ସେମାନଙ୍କ ପୂର୍ବରୁ ଆସିଥିବା ବିଶ୍ୱାସକାରୀମାନଙ୍କୁ ଖଲିଫା କରିଥିଲେ । ସୁତରାଂ ଆମେ ଯଦି କମା ଶବ୍ଦକୁ ବିଚାରଧିନ ନେବା ତେବେ ସେ ପରିପ୍ରେକ୍ଷୀରେ ହଜୁର ସ:ଆ:ସଙ୍କ ସମ୍ପ୍ରଦାୟର ଖଲିଫାମାନଙ୍କୁ ମୁସା ଆ:ସଙ୍କ ଖଲିଫାମାନଙ୍କ ସହିତ ବାଧ୍ୟତାମୂଳକ ଭାବରେ ସାମଞ୍ଜସ୍ୟତା ରହିଛି । ଯେତେବେଳେ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ, ଏହି ଉଭୟ ସମ୍ପ୍ରଦାୟର ଖଲିଫାମାନଙ୍କ ମଧ୍ୟରେ ନିଶ୍ଚିତ ଭାବରେ ସାମଞ୍ଜସ୍ୟ ରହିବା ଆବଶ୍ୟକ । ସାମଞ୍ଜସ୍ୟତାର ପ୍ରଥମ ଭିର୍ତ୍ତି ସ୍ଥାପନ କରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଥିଲେ ଏବଂ ହଜରତ ମୁହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟ ଥିବା ସାମଞ୍ଜସ୍ୟତାର ଶେଷ ନମୁନା ପ୍ରକାଶ୍ୟ କାରୀ ସେହି ମସିହ୍ ଖାତ୍ମୁନ୍ ଖୁଲ୍ଫା ମୁହମ୍ମଦିୟା ଅଟନ୍ତି ଯିଏ ହେଉଛନ୍ତି ହଜୁର ସ:ଆ:ସଙ୍କ ସମ୍ପ୍ରଦାୟର ସମସ୍ତ ଖଲିଫାମାନଙ୍କର ଶେଷ ଖଲିଫା । ସର୍ବପ୍ରଥମେ ହଜରତ ଅବୁ ବକର ର:ଅ ଯିଏକି ପ୍ରଥମ ଖଲିଫା ରୂପେ ନିର୍ବାଚିତ ହୋଇଥିଲେ ହଜରତ ଯଶୁ ବିନ୍ ନୁନ୍ଙ୍କ ସହିତ ତାଙ୍କର ସାମଞ୍ଜସ୍ୟ ଦେଖା ଦେଉଛି । ଯାହାଙ୍କୁ ଈଶ୍ୱର ହଜୁର ସ:ଆ:ସଙ୍କ ବିୟୋଗ ପରେ ଖିଲାଫତ୍ ରୂପେ ମନୋନୀତ କରିଥିଲେ ଏବଂ ଯେଭଳି ସେ ସମସ୍ୟା ଓ ବିପତିର ସମ୍ମୁଖିନ ହୋଇ ଥିବା ସତ୍ୱେ ମଧ୍ୟ ତାହାକୁ ଅତ୍ୟନ୍ତ ନିର୍ମଳ ଓ ସ୍ୱଚ୍ଛତାର ସହିତ ସମାଧାନ କରିଥିଲେ ସେହିପରି ସମସ୍ତ ସାହାବାମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ଆଜ୍ଞାପାଳନ କରିଥିଲେ, ଯେପରି ହଜରତ ମୁସା ଆ:ସଙ୍କ ବିୟୋଗ ପରେ ବନି ଇସ୍ରାଇଲ୍ ହଜରତ ଯଶୁ ବିନ୍ ନୁନ୍ଙ୍କର ଆଜ୍ଞାପାଳନ କରିଥିଲେ ଏବଂ ତାଙ୍କ ସହିତ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ସହଯୋଗ ଓ ସମର୍ଥନର ହାତ ରହିଥିଲା । ସେହିଭଳି ହଜୁର ସ:ଆ:ସଙ୍କ ପ୍ରଥମ ଖଲିଫା ହଜରତ ଅବୁ ବକର ର:ଅଙ୍କ ସହିତ ମଧ୍ୟ ଅଲ୍ଲାଃ ତାଲାଙ୍କର ସମର୍ଥନର ହାତ ରହିଥିଲା । ସୁତରାଂ ହଜରତ ଅବୁ ବକର ର:ଅଙ୍କୁ ମଧ୍ୟ ଅଲ୍ଲାଃ ତାଲା ସାହାଯ୍ୟ ସହଯୋଗ କରି ତାଙ୍କ ବିପତିର ମୂଳୋତ୍ପାଟନ କରିଥିଲେ ଏବଂ ଉସାମା ର:ଅଙ୍କର ଯେଉଁ ସୈନ୍ୟଦଳକୁ ହଜୁର ସ:ଆ:ସ ଶିରିୟା ଅଭିମୁଖେ ପ୍ରେରଣ କରିବାର ଆଦେଶ ଦେଇଥିଲେ ତାହାକୁ ହଜରତ ଅବୁ ବକର ର:ଅ ପୂରଣ କରିଥିଲେ ଏବଂ ସେ ସମସ୍ତ ଅସମ୍ପୁର୍ଣ୍ଣ କାର୍ଯ୍ୟକୁ ଆପଣ ର:ଅ ସମ୍ପୁର୍ଣ୍ଣ କରିଥିଲେ । ସେହିପରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ମୁସା ଆ:ସଙ୍କ ଖଲିଫା ଯଶୁ ବିନ୍ ନୁନ୍ଙ୍କ ସହିତ ଆଉ ଏକ ସାମଞ୍ଜସ୍ୟ ଏହା ରହିଛି ଯେ ମୁସା ଆ:ସଙ୍କ ବିୟୋଗ ପରେ ସର୍ବପ୍ରଥମେ ଯଶୁ ବିନ୍ ନୁନ୍ ଖଲିଫା ହୋଇଥିଲେ ଏବଂ ଅଲ୍ଲାଃ ତାଲା ତାଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ କରିଥିଲେ ଯେ ମୁସା ଆ:ସ ଏହି ଇହଧାମ ତ୍ୟାଗ କରିଦେଇଛନ୍ତି । ଯଦ୍ୱାରା ୟହୁଦିମାନେ ହଜରତ ମୁସା ଆ:ସଙ୍କ ବିୟୋଗ ସଂକ୍ରାନ୍ତରେ କୌଣସି ଭ୍ରମରେ ଅବା କୌଣସି ବାଦ ବିବାଦରେ ଘେରି ନ ଯାଆନ୍ତୁ । ଯେପରି କି ଯଶୁଙ୍କ ପୁସ୍ତକରେ ପ୍ରଥମ ଅଧ୍ୟାୟରୁ ସ୍ୱଷ୍ଟ ହେଉଛି । ଠିକ୍ ସେହିପରି ସର୍ବପ୍ରଥମେ ହଜୁର ସ:ଆ:ସଙ୍କ ବିୟୋଗ ପରେ ହଜରତ ଅବୁ ବକର ର:ଅ ପୂର୍ଣ୍ଣ ବିଶ୍ୱାସର ସହିତ ଖିଲାଫତ୍ର ଆସନରେ ବିରାଜମାନ ହୋଇଥିଲେ ଏବଂ ହଜୁର ସ:ଆ:ସଙ୍କ ବିୟୋଗ ଫଳରେ ମୁସଲମାନମାନଙ୍କ ହୃଦୟରେ ଯେଉଁ ଭ୍ରମାତ୍ମକ ଚିନ୍ତାଧାରା ଉତ୍ପନ୍ନ ହୋଇଯାଉଥିଲା ତାହାର ନିରାକରଣ କରି ହଜରତ ଅବୁ ବକର ର:ଅ ପବିତ୍ର କୁର୍ଆନ୍ର ଆୟତ ଉପସ୍ଥାପନ କରିଥିଲେ ଏବଂ ମୁସଲମାନମାନଙ୍କର ସମସ୍ତ ଭ୍ରମାତ୍ମକ ଚିନ୍ତାଧାରାକୁ ଦୂରିଭୂତ କରିଦେଇଥିଲେ ଏବଂ ମସିହ ଆ:ସଙ୍କ ଆକାଶରେ ଜୀବିତ ରହିବା ପ୍ରସଙ୍ଗରେ ଯେଉଁ ଭୂଲ ଧାରଣା ଥିଲା ହଜରତ ଅବୁ ବକର ର:ଅ ତାହାର ନିବାରଣ କରିଥିଲେ । ପୁଣି ଏବଂ ଯେଉଁଭଳି ଭାବରେ ଯଶୁ ବିନ୍ ନୁନ୍ ଧର୍ମର ପରମଶତ୍ରୁ ଓ ଲାଞ୍ଛନାକାରୀ ଉପଦ୍ରବମାନଙ୍କର ବିନାଶ ଘଟାଇଥିଲେ ସେହିପରି ହଜରତ ଅବୁ ବକର ର:ଅ ମଧ୍ୟ ବିଦ୍ରୋହ ଓ ଉପଦ୍ରବୀଙ୍କର ବିନାଶ ଘଟାଇଥିଲେ । ହଜରତ ମୁସା ଆ:ସ ଯେଭଳି ମଝି ରାସ୍ତାରେ ଅର୍ଥାତ ଏଭଳି ଘଡ଼ି ସନ୍ଧି ମୂହୁର୍ତରେ ମୃତ୍ୟୁବରଣ କରିଥିଲେ ଯେତେବେଳେ କି ବନି ଇସ୍ରାଇଲ୍ କନ୍ଆନ୍ର ଶତ୍ରୁମାନଙ୍କ ଉପରେ ବିଜୟ ପ୍ରାପ୍ତ କରିପାରିନଥିଲେ ଓ ଅନେକ ଅଭିପ୍ରାୟ ଅବଶିଷ୍ଟ ରହିଯାଇଥିଲା । ଆଖପାଖରେ ଶତ୍ରୁମାନଙ୍କର କୋଳାହଳ ରହିଥିଲା ଯାହାକି ମୁସା ଆ:ସଙ୍କ ବିୟୋଗ ପରେ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଯାଇଥିଲା । ସେହିପରି ଆମର ପ୍ରୀୟ ମୁନୀବ ହଜରତ ମୁହମ୍ମଦ ସ:ଆ:ସଙ୍କ ବିୟୋଗ ପରେ ଏଭଳି ଭୟଙ୍କର ପରିସ୍ଥିତିର ସୁତ୍ରପାତ ହୋଇଥିଲା ଯେ ଆରବର ଅନେକ ଗୋଷ୍ଠୀ ସ୍ୱଧର୍ମରୁ (ଅର୍ଥାତ ଇସ୍ଲାମ୍ରୁ) ଓହରି ଯାଇଥିଲେ । କେତେକ ଗୋଷ୍ଠୀ ଜକାତ୍ ଦେବାକୁ ପ୍ରତ୍ୟାଖ୍ୟାନ କରିଥିଲେ ତ ଆଉ କେତେକ ମିଥ୍ୟାବାଦୀ ଭ୍ରଷ୍ଟ ଲୋକେ ନିଜକୁ ଅବତାର ରୂପେ ଘୋଷଣା କରିଦେଇଥିଲେ । ଏଭଳି ପ୍ରତିକୂଳ ପରିସ୍ଥିତିରେ ଜଣେ ସାହାସିକ ହୃଦୟ ଥିବା ବ୍ୟକ୍ତି ଦୃଢ଼ତାର ସହିତ ଛିଡ଼ା ହେବାର ଆବଶ୍ୟକତା ଥିଲା ଓ ନିଜ ବୀରତ୍ୱ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଥିଲା । ସେହି ସମୟରେ ହଜରତ ଅବୁ ବକର ର:ଅ ହିଁ ଖଲିଫା ରୂପେ ନିଯୁକ୍ତ ହେଲେ ଏବଂ ଖଲିଫା ହେବା ପରେ ସେ ଅନେକ ପ୍ରକାର ଦୁଃଖ ଓ ନାନା ସମସ୍ୟାର ସମ୍ମୁଖିନ ହୋଇଥିଲେ ଯେପରି କି ହଜରତ ଆଇଶା ର:ଅଙ୍କ କଥନରୁ ଜଣା ଯାଉଛି ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଯେତେବେଳେ ଖଲିଫା ରୂପେ ନିଯୁକ୍ତ ହେଲେ ସେତେବେଳେ ଆରବୀୟମାନଙ୍କର ଉପଦ୍ରବ, ବିଦ୍ରୋହ ଓ ମିଥ୍ୟାବାଦୀ ନବୀମାନେ ନିଜକୁ ନବୀ ହେବାର ଘୋଷଣା କରିବା ଇତ୍ୟାଦି ଇତ୍ୟାଦି ମୋର ପିତାଙ୍କ ଉପରେ ବିପତିର ପାହାଡ଼ ଅବତୀର୍ଣ୍ଣ କରିଦେଇଥିଲା । ତାଙ୍କ ହୃଦୟରେ ଏତେମାତ୍ରାରେ ଦୁଃଖ ଓ ବିପତି ଆଚ୍ଛାଦିତ ହୋଇଯାଇଥିଲା ଯେପରି ଦୁଃଖର ବିରାଟକାୟ ପର୍ବତ ଆପଣ ର:ଅଙ୍କ ଉପରେ ମାଡ଼ି ବସିଥିଲା । ସେହି ସମୟରେ ଆପଣ ର:ଅ ଭାଙ୍ଗି ପଡ଼ିନଥିଲେ ବରଂ ଅଲ୍ଲାଃ ତାଲାଙ୍କର ପ୍ରକୃତ ପରମ୍ପରା ବିଦ୍ୟମାନ ହୋଇଥିଲା ଏବଂ ତାହା ଆପଣଙ୍କ ସାଥିରେ ଛିଡ଼ା ହୋଇଥିଲା ଏବଂ ଆପଣଙ୍କୁ ଦୃଢ଼ତା ପ୍ରଦାନ କରିଥିଲା । ଆପଣଙ୍କୁ ଧୈର୍ଯ୍ୟ ସାହାସ ଓ ବିରତ୍ୱ ପ୍ରଦାନ କରିଥିଲା ଯଦ୍ୱାରା ସମସ୍ତ ବିଦ୍ରୋହର କଳା ବାଦଲ ଦୂରିଭୂତ ହୋଇଯାଇଥିଲା ଏବଂ ଆପଣଙ୍କ ଆତ୍ମାରେ ଏକ ନୂତନ ପ୍ରାଣର ସଂଚାର ହୋଇଥିଲା । ଯେପରି କି ଯଶୁଙ୍କ ପୁସ୍ତକର ପ୍ରଥମ ଅଧ୍ୟାୟ ଷଷ୍ଠ ଆୟତରେ ଉଲ୍ଲେଖ ରହିଛି, ଯେ ହଜରତ ଯଶୁଙ୍କୁ ଅଲ୍ଲାଃ ତାଲା କୁହନ୍ତି: ଦୃଢ଼ ଓ ସାହାସିକ ମୁସା ଆ:ସ ତ ମୃତ୍ୟୁବରଣ କରିସାରିଛନ୍ତି କିନ୍ତୁ ବର୍ତମାନ ତୁମକୁ ସୁଦୃଢ଼ ହେବାର ଅଛି । ତୁମକୁ ନେତୃତ୍ୱ ନେବାର ଅଛି ଏହିପରି ଆଦେଶ ଈଶ୍ୱର ନିୟତ ବିଧି ହଜରତ ଅବୁ ବକର ର:ଅଙ୍କ ହୃଦୟରେ ସଂଚାର କରିଥିଲେ ଏବଂ ଏଥି ଦ୍ୱାରା ଏହି ଦୁହିଁଙ୍କର ସାମଞ୍ଜସ୍ୟତା ପ୍ରମାଣିତ ହେଉଛି ।

ଅର୍ଥାତ ଇସ୍ତିଖିଲାଫି ମୁମାସିଲତ୍ର ଯେଉଁ ଆୟତ ଉପରେ ମୁଁ ଚର୍ଚ୍ଚା କରି ଆସିଲି ସେଥିରୁ ଏହି ସାମଞ୍ଜସ୍ୟତା ପ୍ରଦର୍ଶିତ ହେଉଛି । କିନ୍ତୁ ଦୁଇ ସମ୍ପ୍ରଦାୟର ମଧ୍ୟବର୍ତୀ ସାମଞ୍ଜସ୍ୟତା ଗବେଷଣା ଓ ଅନୁସନ୍ଧାନର ଆବଶ୍ୟକତା କରିଥାଏ । ସେମାନେ ଏହି ମଧ୍ୟବର୍ତୀ ଅବସ୍ଥାକୁ ଦେଖନ୍ତି ନାହିଁ ବରଂ ଆରମ୍ଭ ତଥା ଶେଷକୁ ଦେଖିଥାନ୍ତି । ତେଣୁ ଅଲ୍ଲାଃ ତାଲା ଏହି ସାମଞ୍ଜସ୍ୟତାକୁ ଯାହାକି ଯଶୁ ବିନ୍ ନୁନ୍ ଓ ହଜରତ ଅବୁ ବକର ର:ଅଙ୍କ ମଧ୍ୟରେ ରହିଛି ଯାହା ଉଭୟ ଖିଲାଫତ୍ର ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା । ସେହିପରି ଉକ୍ତ ସାମଞ୍ଜସ୍ୟତାକୁ ଯାହା ହଜରତ ଇଶା ବିନ୍ ମରିୟମ୍ ଓ ଏହି ମୁସଲମାନ ସମ୍ପ୍ରଦାୟର ମସିହ ମଉଦ ଆ:ସଙ୍କ ସହିତ ରହିଛି ତାହା ଉଭୟ ଖିଲାଫତ୍ର ଶେଷ ପ୍ରର୍ଯ୍ୟାୟରେ ବିଦ୍ୟମାନ ରହିଥିବାର ଦୃଶ୍ୟମାନ ହେଉଛି । ଉଦାହରଣ ସ୍ୱରୁପ ହଜରତ ଯଶୁ ଓ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ମଧ୍ୟରେ ସେହି ସମସ୍ତ ସାମଞ୍ଜସ୍ୟତା ରହିଥିଲା ଯେପରି କି ସେମାନଙ୍କ ଅସ୍ତିତ୍ୱ କିମ୍ବା ଗୁଣରେ ଦୃଶ୍ୟମାନ ହେଉଛି । ହଜରତ ମୁସା ଆ:ସଙ୍କ ବିୟୋଗ ପରେ ବନି ଇସ୍ରାଇଲ୍ ଯଶୁ ବିନ୍ ନୁନ୍ଙ୍କ ହାତରେ ଏକତ୍ରିତ ହୋଇଯାଇଥିଲେ ଓ ତାଙ୍କୁ ସ୍ୱୀକାର କରିନେଇଥିଲେ ଏବଂ ସେମାନଙ୍କ ମଧ୍ୟରେ କୌଣସି ମତପାର୍ଥକ୍ୟ ନଥିଲା । ସଭିଏଁ ତାଙ୍କର ଆଜ୍ଞାବହ ହୋଇଯାଇଥିଲେ । ଏହିଭଳି ସମସ୍ୟା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ମଧ୍ୟ ସମ୍ମୁଖିନ ହୋଇଥିଲେ ଏବଂ ସମସ୍ତେ ହଜୁର ସ:ଆ:ସଙ୍କ ଦେହାନ୍ତ ପରେ ଅଶ୍ରୁ ଝରାଇ ହଜରତ ଅବୁ ବକର ର:ଅଙ୍କର ଖିଲାଫତ୍କୁ ସ୍ୱୀକାର କରିନେଇଥିଲେ । ସୁତରାଂ ପ୍ରତ୍ୟେକ ଦୃଷ୍ଟିକୋଣରୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସାମଞ୍ଜସ୍ୟତ୍ୱ ହଜରତ ଯଶୁ ବିନ୍ ନୁନ୍ଙ୍କ ସହିତ ପ୍ରମାଣିତ ହେଲା । ଯେଭଳି ଭାବରେ ଅଲ୍ଲାଃ ତାଲା ନିଜ ସମର୍ଥନ ହଜରତ ଯଶୁ ବିନ୍ ନୁନ୍ଙ୍କ ସହିତ ପ୍ରଦର୍ଶନ କରିଥିଲେ ସେହିପରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ କାଳରେ ତାଙ୍କ କାର୍ଯ୍ୟରେ କଲ୍ୟାଣ ପ୍ରଦାନ କରି ତାହାର ପ୍ରତିପାଦନ କରିଥିଲେ ଏବଂ ହଜରତ ଅବୁ ବକର ର:ଅଙ୍କ ଖ୍ୟାତି ଚର୍ତୁଃପାଶ୍ୱରେ ପରିବ୍ୟାପ୍ତ କରିଦେଇଥିଲେ ଅର୍ଥାତ ହଜରତ ଅବୁ ବକର ର:ଅଙ୍କ ସାହାଯ୍ୟ ସହଯୋଗ କରି ଉପଦ୍ରବୀ ଓ ମିଥ୍ୟାବାଦୀଙ୍କର ବିନାଶ କରି ଏହା ପ୍ରମାଣିତ କରିଦେଇଥିଲେ ।

*କ୍ରମଶଃ......*

**ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ: Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**